ଆଜି - ଗୁରୁବାର
ତାରିଖ - ୦୯ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୬
ତିଥି - ସପ୍ତମୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ମୂଳା, ଧନୁ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୮ : ୦୦
ସୂର୍ଯ୍ୟାସ୍ତ - ୫ : ୫୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"କେହି ଜଣେ ନେତୃତ୍ୱ ଦେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ, ବ୍ୟକ୍ତିଗତ ସ୍ତରରେ ନିଜେ କାମ ଆରମ୍ଭ କରନ୍ତୁ ।"

- ମଦର ଟେରେସା

E-News : www.Ajikali epaper.com

Vol.- 40 ISSUE- 355 R.N.I. REGD. No. 44026/86 ବାଲେଶ୍ୱର ୦୯ ଅପ୍ରେଲ ୨୦୨୬ ଗୁରୁବାର BALASORE 09 APRIL 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଧକ୍ଷତା କଲେ ପ୍ରଧାନମନ୍ତ୍ରୀ

ଫସଫେଟ୍ ଓ ପଟାସ୍ ସାର ଉପରେ ସବସିଡିକୁ ମଞ୍ଜୁରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଖରିଫ୍ ଋତୁ ୨୦୨୬ (୦୧.୦୪.୨୦୨୬ରୁ ୩୦.୦୯.୨୦୨୬ ପର୍ଯ୍ୟନ୍ତ) ପାଇଁ ଫସଫେଟ୍ ଓ ପଟାସ୍ ସାର ଉପରେ ପୋଷକ ତତ୍ୱ ଆଧାରିତ ସବସିଡି ପ୍ରଦାନ କରିବା ଲାଗି ସାର ବିଭାଗର ପ୍ରସ୍ତାବକୁ ମଞ୍ଜୁର କରିଛି । ଖରିଫ୍ ଋତୁ ୨୦୨୬ ପାଇଁ ଆନୁମାନିକ ବଜେଟ୍ ଆବଶ୍ୟକତା ପାଖାପାଖି ୪୧,୫୩୩.୮୧ କୋଟି ଟଙ୍କା ହେବ । ଏହା ଖରିଫ୍ ଋତୁ ୨୦୨୫ର ବଜେଟ୍ ଆବଶ୍ୟକତା ଠାରୁ ପାଖାପାଖି ୪,୩୧୭ କୋଟି ଟଙ୍କା ଅଧିକ । ଖରିଫ୍ ଋତୁ ୨୦୨୫ର ବଜେଟ୍ ୩୭,୨୧୬.୧୫ କୋଟି ଟଙ୍କା ଥିଲା । ଡିଏପି ଓ ଏନପିକେଏସ ଗ୍ରେଡ୍ ସମେତ ଫସଫେଟ୍ ଏବଂ ପଟାସ ସାର ଉପରେ ସବସିଡି ଖରିଫ ଋତୁ ୨୦୨୬ (୦୧.୦୪.୨୦୨୬ରୁ ୩୦.୦୯.୨୦୨୬ ପର୍ଯ୍ୟନ୍ତ) ପାଇଁ ଅନୁମୋଦିତ ଦର ଆଧାରରେ ଯୋଗାଇ ଦିଆଯିବ । ଏହା ଦ୍ୱାରା ଏହି ସାରଗୁଡ଼ିକ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସହଜରେ ଉପଲବ୍ଧ ହେବ । ସରକାର ସାର ଉତ୍ପାଦନକାରୀ/ଆମଦାନୀକାରୀଙ୍କ ମାଧ୍ୟମରେ ଚାଷୀମାନଙ୍କୁ ସବସିଡି ହାରରେ ଡିଏପି ସମେତ ୨୮ଟି ଗ୍ରେଡର ଫସଫେଟ୍ ଓ ପଟାସ୍ ସାର ଯୋଗାଇ ଦେଉଛନ୍ତି । ୧ ଏପ୍ରିଲ ୨୦୧୦ ଠାରୁ ଲାଗୁ ହେଉଥିବା ଏନବିଏସ ନୀତି ଆଧାରରେ ପିଏଣ୍ଡକେ ସାର ଉପରେ ସବସିଡି ପରିଚାଳିତ ହେଉଛି । ଚାଷୀ-ଅନୁକୂଳ ଆଭିମୁଖ୍ୟ ନେଇ ସରକାର ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଫସଫେଟ୍ ଓ ପଟାସ୍ ସାର ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ । ସାର ଏବଂ ୟୁରିଆ, ଡିଏପି, ଏମଓପି ଓ ସଲଫର ଭଳି ଅନ୍ୟାନ୍ୟ ଇନପୁଟ୍ର ଅନ୍ତର୍ଜାତୀୟ ମୂଲ୍ୟରେ ସାମ୍ପ୍ରତିକ ଦରକୁ ବିଚାର କରି, ସରକାର ଖରିଫ ୨୦୨୬ ପାଇଁ ଫସଫେଟ୍ ଓ ପଟାସ୍ (ପି ଆଣ୍ଡ କେ) ସାର (ଡିଏପି ଓ ଏନପିକେଏସ ଗ୍ରେଡ୍ ସମେତ) ଉପରେ ଜାତୀୟ ସବସିଡି ହାର ଅନୁମୋଦନ କରିବାକୁ ନିଷ୍ପତି ନେଇଛନ୍ତି । ଏହା ୧ ଏପ୍ରିଲ ୨୦୨୬ରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଲାଗୁ ହେବ । ଚାଷୀମାନଙ୍କୁ ସୁଲଭ ସାର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଅନୁମୋଦିତ ଓ ଅଧିସୂଚିତ ହାର ଅନୁଯାୟୀ ସାର କମ୍ପାନୀଗୁଡ଼ିକୁ ସବସିଡି ପ୍ରଦାନ କରାଯିବ ।

ଖୋର୍ଦ୍ଧାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଂଟ ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦,୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ ଗୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ବେଳେ ୧୧ ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରୁଛି । ସୂଚନାଯୋଗ୍ୟଯେ, ଏହି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ, ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ, ସିମେଂଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମୃଦ୍ଧ ଓଡିଶା'ର ସ୍ୱର୍ଣ୍ଣିମ

ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତପୁର୍ଣ୍ଣ ଫର୍ଦ୍ଦ ଯୋଡି ହୋଇଗଲା । ବର୍ତମାନ ଓଡିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଲବର ଏହା ହେଉଛି ବାସ୍ତବ ପ୍ରତିଫଳନ । ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି । ଆମ ପ୍ରତିଶ୍ରୁତି, ଆମେ ନିଶ୍ଚୟ ପୂରଣ କରୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦୁଇ-ତିନି ବର୍ଷ ମଧ୍ୟରେ ଓଡ଼ିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହି ନାହିଁ, ବରଂ ଓଡିଶା ଏବେ ସମୃଦ୍ଧିର ସ୍ୱର୍ଶ ଅନୁଭବ କରିବା ଆରମ୍ଭ କରିଛି । ଆଗାମୀ କିଛି ବର୍ଷ ମଧ୍ୟରେ ଆମରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ । ୫୯ ହଜାର ନୂଆ ନିଯୁକ୍ତି କୌଣସି ଦୃଷ୍ଟିକୋଣରୁ ଏକ ଛୋଟ ଉପଲବ୍ଧି ନୁହେଁ । ପୂର୍ବରୁ ଆମ ସରକାର ଏହି ୧୮-୨୦ ମାସ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଯାହାଦ୍ୱାରା, ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଏବଂ ୫୯ ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ଖୋର୍ଦ୍ଧା ମାଟିରେ ତିଆରି ହେବ । ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଓଡ଼ିଶାରେ ନିର୍ମିତ ସାମଗ୍ରୀ ବିଶ୍ୱ ବଜାରକୁ ଯିବ ଏବଂ ଆମ ଶିଳ୍ପ ବ୍ୟବସ୍ଥାକୁ ଆହୁରି ସ୍ୱାବଲମ୍ବୀ କରି ଗଢିତୋଳିବାରେ ସହାୟକ ହେବ । ଏହି ଶିଳ୍ପପ୍ରକଳ୍ପ ଗୁଡିକ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଚଳିତ ବଜେଟରେ ଭିତିଭୂମି ପାଇଁ ୭୨ ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି ଯାହା ବର୍ତମାନ ଆମ ରାଜ୍ୟ ଏଉଚର ପ୍ରାୟ ୬.୫ ପ୍ରତିଶତ । ଏହା ଦ୍ୱାରା ଭିତିଭୂମି ନିର୍ମାଣ ଦ୍ୱରାନ୍ୱିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେଉଛି ବୋଲି ସେ କହିଥିଲେ ।

ଅଳ୍ପରେ ଖବର

» କଟକ ଏସସିବିରେ କେନ୍ଦ୍ରୀୟ ତଦନ୍ତକାରୀ ଦଳ ପହଂଚିଛନ୍ତି । ନିକଟରେ ଟ୍ରମା ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାର ଯାଂଚ ଲାଗି ୬ ଜଣିଆ କେନ୍ଦ୍ରୀୟ ଟିମ ଏସସିବି ଗସ୍ତ କରିଛନ୍ତି ।

» ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଜୀଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ବନ୍ଦେ ମାତରମ୍'ର ସ୍ରଷ୍ଟା ଏବଂ ପରମ ଦେଶଭକ୍ତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଜୀଙ୍କ ନିଧନ ବାର୍ଷିକୀ ଅବସରରେ ତାଙ୍କୁ ଲକ୍ଷେ ଲକ୍ଷ ପ୍ରଣାମ ।

» ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଜି ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଜନସାଧାରଣଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଓ ସମସ୍ୟା ଗୁଡ଼ିକ ଶୁଣିଛନ୍ତି ମନ୍ତ୍ରୀ ।

» ଘରୋଇ ସୁନା ବଜାରରେ ଆଜି ପ୍ରାରମ୍ଭିକ ବ୍ୟବସାୟ ସମୟରେ ସୁନା ମୂଲ୍ୟରେ ହ୍ରାସ ଦେଖାଦେଇଛି ।

ଦେଶର ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରିଛି ପିଏମଏମୱାଇ : କେନ୍ଦ୍ର ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ : ୮ ଏପ୍ରିଲ୍ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ସଫଳତା ପୂର୍ବକ ୧୧ ବର୍ଷ ପୂରଣ କରିଛି । ଏହା ଭାରତର ତୃଣମୂଳସ୍ତରର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିଛି । ଆର୍ଥିକ ଉପଲବ୍ଧତାରେ ରହିଥିବା ଶୂନ୍ୟସ୍ଥାନ ଦୂର କରି ଏହି ଯୋଜନା ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ ଋଣ ପ୍ରଦାନକୁ ଅଧିକ ବ୍ୟବସ୍ଥିତ ଓ ସୁବିଧାଜନକ କରିଛି । ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ ଅଣକର୍ପୋରେଟ୍ ଏବଂ ଅଣକୃଷି କାର୍ଯ୍ୟକଳାପ ଲାଗି ସହଜରେ ଋଣ ପାଇପାରୁଛନ୍ତି । ଭାରତରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ଗୁଡ଼ିକ ଶିଳ୍ପ ଜଗତର ଆଧାର ରୂପେ କାର୍ଯ୍ୟ କରିଥା'ନ୍ତି । ସେମାନେ ପ୍ରମୁଖ କମ୍ପାନୀଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ଦେଶରେ ସନ୍ତୁଳିତ ଆର୍ଥିକ ବିକାଶକୁ ଆଗେଇ ନେଇଥା'ନ୍ତି । ଏମଏସଏମଇ ଉଦ୍ୟୋଗୀଙ୍କ ପାଇଁ ପିଏମଏମୱାଇ ଏକ ମାଇଲଖୁଂଟ ସାବ୍ୟସ୍ତ ହୋଇଛି । ଏହା ପାଣ୍ଠିରୁ ବଂଚିତ ଉଦ୍ୟୋଗୀଙ୍କୁ

ପାଣ୍ଠି ଯୋଗାଇ ଦେଇଛି । ପୂର୍ବରୁ ଏହି ଉଦ୍ୟୋଗୀମାନେ ପ୍ରାୟତଃ ଔପଚାରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦ୍ୱାରା ଅବହେଳାର ଶିକାର ହୋଇଆସୁଥିଲେ । ଏହି ଯୋଜନାକୁ ୧୧ ବର୍ଷ ପୂରଣ ହେବା ଉପଲକ୍ଷେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, "ଗତ ଏକ ଦଶନ୍ଧି ମଧ୍ୟରେ, ଭାରତ ଏକ ନିରବ ପରିବର୍ତନ ଦେଖିଛି ଯେଉଁଠାରେ କୋଟି କୋଟି ସାଧାରଣ ନାଗରିକ ନୂତନ ଆତ୍ମବିଶ୍ୱାସର ସହିତ ଉଦ୍ୟୋଗ ଆରମ୍ଭ କରିବା କ୍ଷେତ୍ରରେ ପାଦ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୁଦ୍ରା ଯୋଜନାପାଣ୍ଠିରୁ ବଂଚିତ ଉଦ୍ୟୋଗୀଙ୍କୁ ପାଣ୍ଠି ଯୋଗାଣ ସୁନିର୍ଶ୍ଚିତ କରିଛି । ଦେଶରେ ଏମଏସଏମଇ ଓ ଅଗଣିତ ବ୍ୟକ୍ତିଗତ ଉଦ୍ୟୋଗୀମାନଙ୍କ ପାଇଁ ଋଣ ପରିଦୃଶ୍ୟକୁ ନୂଆ ରୂପ ଦେବାରେ ପିଏମଏମୱାଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରୀ ଆହୁରି କହିଛନ୍ତି, ପିଏମଏମୱାଇ କୋଟି କୋଟି ଲୋକଙ୍କୁ ସଶକ୍ତ କରିବା ସହିତ ସମାବେଶୀ ବିକାଶର ଦୃଷ୍ଟିକୋଣକୁ ସାକାର କରୁଛି । ଏବେ ସୁଦ୍ଧା ୪୦.୦୭ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ୫୭.୭୯ କୋଟି ଋଣ ଯୋଗାଇ ଦିଆଯାଇଛି । ମହିଳା ଉଦ୍ୟୋଗୀଙ୍କୁ ଦୁଇ ତୃତୀୟାଂଶରୁ ଅଧିକ ଋଣ ମିଳିଛି । ଏକ ଫଂଚମାଂଶ ଋଣ ପ୍ରଥମ ଥରର ଉଦ୍ୟୋଗୀ ପାଇଛନ୍ତି । ଅର୍ଥାତ୍ ନୂଆ ଉଦ୍ୟୋଗୀମାନଙ୍କୁ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ୧୨.୧୫ କୋଟି ଋଣ ଯୋଗାଇ ଦିଆଯାଇଛି । ଏହି ଅବସରରେ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ଲକ୍ଷ୍ୟ ସୂକ୍ଷ୍ମ-ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା । ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଅନ୍ୟତମ । ମୁଦ୍ରା ଯୋଜନା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ, ଏନବିଏଫସିଏବଂ ଏମଏଫଆଇଠାରୁ ଋଣ ସହାୟତା ପାଇବା ପାଇଁ ଏକ ମଂଚ ପ୍ରଦାନ କରେ । ଏହି ଯୋଜନା ବହୁ ସଂଖ୍ୟକ ଉଦ୍ୟୋଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରିଛି । ସେମାନଙ୍କୁ ନିଜ ବ୍ୟବସାୟ ସ୍ଥାପନ ଓ ପରିଚାଳନା କରିବାରେ ସାହାଯ୍ୟ କରିଛି ଏବଂ ସେମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷାର ଭାବନା ସୃଷ୍ଟି କରିଛି ।

କେନ୍ଦ୍ରମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଲେ ବାଂଲାଦେଶ ବୈଦେଶିକ ମନ୍ତ୍ରୀ ଖଲିଲୁର ରେହମାନ

ନୂଆଦିଲ୍ଲୀ : ବାଂଲାଦେଶର ନୂତନ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଡକ୍ଟର ଖଲିଲୁର ରେହମାନ ତାଙ୍କ ପ୍ରଥମ ଭାରତ ଗସ୍ତରେ ଆସି ଆଜି ବୁଧବାର ଦିନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କୁ ଭେଟିଛନ୍ତି । ଏହି ସମୟରେ, ଜୟଶଙ୍କର ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଭାରତର ଇଚ୍ଛାକୁ ଦୋହରାଇଥିଲେ । ବୈଠକ ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ ଆଶା ବ୍ୟକ୍ତ କରିଛି ଯେ ପରବର୍ତୀ ସରକାରୀ ବୈଠକ ଶୀଘ୍ର ଅନୁଷ୍ଠିତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ବୁଧବାର ନୂଆଦିଲ୍ଲୀରେ ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଡକ୍ଟର ଖଲିଲୁର ରହମାନଙ୍କୁ ଭେଟିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ବାଂଲାଦେଶର ବୈଦେଶିକ ବ୍ୟାପାର

ଉପରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ହୁମାୟୁନ କବୀର ମଧ ଏହି ବୈଠକରେ ଉପସ୍ଥିତ ଥିଲେ । ଆଲୋଚନା ବେଳେ ଜୟଶଙ୍କର ନୂତନ ସରକାର ସହିତ ଗଠନମୂଳକ ଭାବରେ ଜଡିତ ହେବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଭାରତର ଇଚ୍ଛାକୁ ଦୋହରାଇଥିଲେ । ଦ୍ୱିପାକ୍ଷିକ ତନ୍ତ୍ର ମାଧ୍ୟମରେ ଉଭୟ ଦେଶ ମଧ୍ୟରେ ଭାଗିଦାରୀକୁ ମଜବୂତ କରିବା ପାଇଁ ପ୍ରସ୍ତାବ ଉପରେ ବିଚାର କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ । ଏହାବ୍ୟତୀତ, ଉଭୟ ପକ୍ଷ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଂଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ତାଙ୍କ ଗସ୍ତ ସମୟରେ ବୈଦେଶିକ ମନ୍ତ୍ରୀ ରେହମାନ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ମଧ ଭେଟିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଶେଖ୍ ହସିନାଙ୍କ ସରକାରକୁ ଗାଦିଚ୍ୟୁତ କରାଯିବା ପରେ ହୋଇଥିବା ନିର୍ବାଚନରେ ବାଂଲାଦେଶରେ ବି. ଏନ୍. ପି. ନେତା ତାରିକ ରେହମାନଙ୍କ ନେତୃତ୍ୱରେ ନୂତନ ସରକାର କ୍ଷମତାକୁ ଆସିଛି ।

ଉତର ଓଡ଼ିଶାକୁ କାଳବୈଶାଖୀ ଆଲର୍ଟ, ୫୦-୬୦ କିମି ବେଗରେ ବହିବ ପବନ

ଭୁବନେଶ୍ୱର : ନିସ୍ତୁକ କୁଆପଥର ମାଡ଼ । ଆକାର ବି ସାମାନ୍ୟ ଠାରୁ ଢେର ବଡ଼ । ଏମିତିକି ଅଧ କିଲୋ ଏବଂ ୧ କିଲୋ ଓଜନର କୁଆପଥର ଖସିଲା ଆକାଶରୁ । ତା' ସାଙ୍ଗକୁ ପ୍ରବଳ ବର୍ଷା, ପବନ । ଆଜବେଷ୍ଟସ, ଟିଣ କଣା କରିଦେଲା । ଉଡ଼ାଇ ଦେଲା ଚାଳ ଛପର । ଦିନକ ତଳେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଯେମିତି କରାଳ ରୂପ ଦେଖାଇଥିଲା, ମଙ୍ଗଳବାର କେନ୍ଦୁଝରର ପାଟଣା, ସାହାରପଡ଼ା, ତୁରୁମୁଙ୍ଗାରେ ତା'ଠାରୁ ବି ଭୟାନକ ହୋଇଛି । ଏସବୁ ଅଂଚଳରେ ବ୍ୟାପକ କ୍ଷୟକ୍ଷତି କରିଛି କାଳବୈଶାଖୀ । ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, ଅନୁଗୁଳ ଓ ମୟୂରଭଞ୍ଜରେ ବି କୋପ ଦେଖାଇଛି । କାଳବୈଶାଖୀ ପ୍ରଭାବ ଆହୁରି ୩ ଦିନ ଯାଏ ରହିବ । ବୁଧବାର ଉତର ଓଡ଼ିଶା ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା, ବଜ୍ରପାତ ସହ ପବନ ଆଶଙ୍କା ଅଛି । ସ୍ଥାନେ ସ୍ଥାନେ କୁଆପଥର ମାଡ଼ ବି ହେବ । ବାଲେଶ୍ୱର, ଭଦ୍ରକ, ଯାଜପୁର,

କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝରରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁରର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା, ବଜ୍ରପାତ ସହ ୫୦-୬୦ କିମି ବେଗରେ ପବନ ଏବଂ କୁଆପଥର ଆଶଙ୍କା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଆଉ କେତେକ ଜିଲ୍ଲାର ଗୋଟିଏ ଦୁଇଟି ୪୦/୫୦ କିମି ପବନ ସହ ବଜ୍ରପାତ ହୋଇପାରେ । କିଛି ସ୍ଥାନରେ ୩୦-୪୦ କିମି ବେଗରେ ପବନ ସହ ବର୍ଷା, ଘଡ଼ଘଡ଼ି ଆଶଙ୍କା ଅଛି । ୧୦ ତାରିଖ ପରେ କାଳବୈଶାଖୀ କମିବା ସହ ରାଜ୍ୟକୁ ପୁଣି ଫେରିବ ତାତି ପ୍ରକୋପ । ଆସନ୍ତା ୧୧ ତାରିଖରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ବଲାଙ୍ଗିରରେ ତାତି ପୁଣି ୪୦ ଡିଗ୍ରୀ ସେଲସିୟସ୍ ଛୁଇଁପାରେ । ଆଉ କେତେକ ସ୍ଥାନରେ ପାରଦ ୩୯ ଡିଗ୍ରୀ ପାଖାପାଖି ରହିବ । ଉପକୂଳରେ ୧୧ରେ ଭୁବନେଶ୍ୱର ତାପମାତ୍ରା ୩୭ ଓ ଭଦ୍ରକ ୩୮ ଛୁଇଁପାରେ । ମଙ୍ଗଳବାର କେନ୍ଦୁଝରରେ ସାଂଘାତିକ ରୂପ ଦେଖାଇଥିଲା କାଳବୈଶାଖୀ । ଦିନ ପ୍ରାୟ ୧ଟାରୁ ଦେଢ଼ ଘଂଟା ପର୍ଯ୍ୟନ୍ତ ପାଟଣା ଓ ସାହାରପଡା ବ୍ଲକ୍ର ୬ରୁ ୭ଟି ପଂଚାୟତରେ ବର୍ଷା ପବନ ଓ କୁଆପଥର ମାଡ଼ ହୋଇଥିଲା । ପାଟଣା, ଏରେଣ୍ଡେଇ, ମୁଷାଖରୀ, ଡୁମୁରିଆ, ମିରିଗିଖୋଜି, ସରାସକୋଲା ପଂଚାୟତର ଶହ ଶହ ଖପର ଘର, ଟାଇଲ ଓ ଆଜବେଷ୍ଟସ, ଟିଣ ଛପର ଘର କୁଆପଥର ମାଡରେ ଭାଙ୍ଗି ରୁଜି ଯାଇଥିଲା । ଏପରିକି ୫୦୦ ଗ୍ରାମରୁ ୧ କେଜି ଓଜନର କୁଆପଥର ପଡିବାରୁ ଅନେକ ଗାଡ଼ିମୋଟର ଭାଙ୍ଗିଥିବାବେଳେ ପନିପରିବା ଚାଷ ନଷ୍ଟ ହୋଇଛି । ଲୋକେ କ୍ଷତିପୂରଣ ଦାବିରେ ପାଟଣା ତହସିଲ ଘେରାଉ କରିଥିଲେ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର, କଂଟାବଣିଆ ଏବଂ ପର୍ଜଙ୍ଗରେ ବି ବର୍ଷା, ପବନ ସାଙ୍ଗକୁ ପ୍ରାୟ ଘଂଟାଏ କାଳ କୁଆପଥର ମାଡ଼ ହୋଇଥିଲା । ମୟୂରଭଞ୍ଜର ଠାକୁରମୁଣ୍ଡା ଓ ବିଶୋଇ ସହ ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱରରେ ବି ବର୍ଷା, ପବନ ସହ କେତେକ ସ୍ଥାନରେ କୁଆପଥର ବର୍ଷିଥିଲା ।

ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍ କମିଟି ବୈଠକ ଶେଷ

ଓଡ଼ିଆ ନବ ବର୍ଷରୁ ନୂଆ ରତ୍ନ ପଲଙ୍କରେ ନିଦ୍ରା ଯିବେ ମହାପ୍ରଭୁ

ପୁରୀ: ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍ କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି । ଏପ୍ରିଲ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷରୁ ନୂଆ ରତ୍ନ ପଲଙ୍କରେ ନିଦ୍ରା ଯିବେ ମହାପ୍ରଭୁ । ତିନି ସେଟ୍ ରତ୍ନ ପଲଙ୍କ ପ୍ରସ୍ତୁତ ହୋଇଛି । ଆସନ୍ତା ୧୪ ଏପ୍ରିଲରୁ ଏହା

ବ୍ୟବହାର ହେବ । ପୁରୁଣା ରତ୍ନ ପଲଙ୍କ ଡିଜାଇନକୁ ଅନୁସରଣ କରି ରୁପା ଆଚ୍ଛାଦିତ ନୂତନ ରତ୍ନ ପଲଙ୍କ ପ୍ରସ୍ତୁତ ହୋଇଛି । ପୁରୁଣା ପଲଙ୍କର ହାତୀ ଦାନ୍ତ ମଧ ନୂଆ ପଲଙ୍କରେ ବ୍ୟବହୃତ ହୋଇଛି । ସେହିପରି ପୁରୁଣା ପଲଙ୍କ ଗୁଡ଼ିକ ବର୍ତମାନ ଶ୍ରୀମନ୍ଦିର ନୀଳାଦ୍ରି ମ୍ୟୁଜିଅମରେ ରହିବ । ପରେ ଏହାକୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଉପଲବ୍ଧ କରିବାକୁ ହେଉଛି ଯୋଜନା । ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେବାକୁ ଥିବା ଚନ୍ଦନ ଯାତ୍ରା, ନୃସିଂହ ଜନ୍ମ, ଭଉଁରୀ ଯାତ୍ରା, ହଳଦୀ ପାଇଁ ଇତ୍ୟାଦି ପାଇଁ ନୀତି ନିର୍ଘଂଟ ହୋଇଛି । ଜିଲ୍ଲାପାଳଙ୍କ ସ୍ତରରେ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି । ମ୍ୟୁନିସପାଲିଟି, ଜିଲ୍ଲା, ପ୍ରଶାସନ, ପୋଲିସ ପ୍ରଶାସନକୁ ଦାୟିତ୍ୱ ବଂଟନ କରାଯାଇଛି । ସେପଟେ ଆସନ୍ତାକାଲି ଠାରୁ ବାହାର ରତ୍ନ ଭଣ୍ଡାର ଗଣତି ପ୍ରକ୍ରିୟା ଆରମ୍ଭ ହେବ । ପୂର୍ବାହ୍ନ ୧୧ ଟା ୩୦ ଠାରୁ ଆରମ୍ଭ ହେବ ପ୍ରକ୍ରିୟା । ସ୍ୱଚ୍ଛତା ଓ ସଠିକ୍ ଭାବରେ ଗଣତି କାର୍ଯ୍ୟ କରିବା ପାଇଁ ସମୟ ଦରକାର କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଏଥର ଶନିବାର ମଧ ହେବ ରତ୍ନ ଗଣତି । ପୂର୍ବରୁ ଶନିବାର ଓ ରବିବାର ଗଣତି ବନ୍ଦ୍ ରଖିବା ପାଇଁ ହୋଇଥିଲା ନିଷ୍ପତି । ତେବେ ଗଣତି ସମୟରେ ବାହାର କାଠରୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ଜଗମୋହନ ଓ ପୋଖାରିଆକୁ କେବଳ ନୀତି ସମ୍ପୃକ୍ତ ସେବାୟତ ମାନେ ହିଁ ଯାଇପାରିବେ । ସେପଟେ ଆଲୋକୀକରଣ ପାଇଁ ଏଏସଆଇ ର ପରାମର୍ଶଦାତା ସ୍ତରରେ ସମୀକ୍ଷା ସରିଛି ।

ବାବା ଭୁଜାଖିଆ ପୀରଙ୍କ ୮୨ ତମ ବାର୍ଷିକ ଉର୍ସ ଉତ୍ସବ ଉଦଘାଟିତ

ଆସ୍ଥାନରେ ଫୁଲର ଚାଦର ଚଢ଼ାଇଲେ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକେ

ବାଲେଶ୍ୱର (ନି.ପ୍ର.) ଜିଲ୍ଲାର ଭାଇଚାରାର ପ୍ରତୀକ ସହରର ସୁନଟସ୍ଥିତ 'ବାବା ଭୁଜାଖିଆ ପୀର'ଙ୍କ ୩ ଦିନିଆ ୮୨ତମ ବାର୍ଷିକ ଉତ୍ସବ 'ଉର୍ସ' ଭକ୍ତିମୟ ପରିବେଶ ମଧ୍ୟରେ ଉଦ୍ ?ଘାଟିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ମାର୍ଚ୍ଚମାସ ଶେଷ ବୁଧବାର, ଗୁରୁବାର, ଶୁକ୍ରବାର ତିନିଦିନ ଧରି ଏହି ପୀଠରେ ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ମଧ୍ୟ ପବିତ୍ର ରମଜାନ ମାସ ପାଇଁ ଏହି ଉତ୍ସବ ଅପ୍ରେଲ ମାସରେ ପାଳିତ ହେଉଛି । ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ୍ ପାଠ, ମିଲାଦ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢାଯିବା ସହ ସାମୂହିକ କୋରାନ୍ ପାଠ କରାଯାଇଥିଲା । ବିହାର ଅମଜେର ସରିଫର ଧର୍ମଗୁରୁ ହଜରତ ସୟେଦ ଜମଲୁଦ୍ଦିନ ଆବେଦୁଲ କାଦ୍ରୀ ଏହି ଗୋସାଲ କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ସମସ୍ତଙ୍କ ମଙ୍ଗଳକାମନା କରିଥିଲେ । ବାବା ଭୂଜାଖିଆ ପୀରଙ୍କ ଆସ୍ଥାନ ଯେମିତି ବର୍ଷ ବର୍ଷ ଧରି ଭାଇଚାରାର ନିଦର୍ଶନ ପାଲଟିଛି, ଆଗାମୀ ଦିନରେ ମଧ୍ୟ ଏହି ଧାରା ଅବିଚରିତ ବଜାୟ

ରଖିବା ନେଇ ସେ ଶ୍ରଦ୍ଧାଳୁମାନଙ୍କୁ ଉପଦେଶ ଦେଇଥିଲେ । ପରେ ଦିବସବ୍ୟାପୀ ଶ୍ରଦ୍ଧାଳୁମାନେ ବାବାଙ୍କୁ ଦର୍ଶନ କରି ଚାଦର ଚଢାଇଥିଲେ । ବାବାଙ୍କ ବାର୍ଷିକ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ନିଷ୍ଠାର ସହ ପୀରବାବାଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି । ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରାର୍ଥନା କରିବା ସହ ଭୋଗ ଲଗାଉଛନ୍ତି । ବାବାଙ୍କ ନିକଟରେ ପ୍ରାୟତଃ ମୁଢି ବା ଭୂଜା ଭୋଗ ଆକାରରେ ଲଗାଯାଇଥାଏ । ଏହା ସହିତ ପୀଠରେ ଲଡୁ, ଗଜା, କୋରା, ଖଜା ଇତ୍ୟାଦି ଶୁଖିଲା ମିଷ୍ଟାନ୍ନ ଭୋଗ ଲଗାଯିବାର ବିଧି ରହିଛି । ବହୁ ଭକ୍ତ ଏହି ପୀଠକୁ ଆସିବା ପରେ ସେମାନଙ୍କର ମାନସିକ ପୁରା ହୋଇଥିବାର କହିଛନ୍ତି । ବାବାଙ୍କ ପ୍ରତି ମନରେ ଦୃଢ ବିଶ୍ୱାସ ଥିବାରୁ ପ୍ରତ୍ୟେକ ବର୍ଷ ଉର୍ସ ଉତ୍ସବ ପାଳନ ପାଇଁ ଭକ୍ତମାନେ ଏଠାକୁ ଆସିଥାନ୍ତି ବୋଲି ସେମାନେ କହିଛନ୍ତି । ଭୁଜାଖିଆ ପୀରବାବାଙ୍କ ପ୍ରକୃତ ନାମ ହେଉଛି ହଜରତ ଶ୍ୱାଲେହ ମହମ୍ମଦ । ଜୀବିତାବସ୍ଥାରେ ଲୋକମାନେ ବାବାଙ୍କୁ ଭେଟି ନିଜ ନିଜର ବିଭିନ୍ନ ସମସ୍ୟାର ସମାଧାନର ଦିଗ ତାଙ୍କ ଠାରୁ ପାଇପାରୁଥିଲେ । ବାବାଙ୍କର ମୁଖ୍ୟ ଖାଦ୍ୟ ଥିଲା ମୁଢି ବା ଭୁଜା । ତେଣୁ ଶ୍ରଦ୍ଧାରେ ସମସ୍ତେ ବାବାଙ୍କୁ ଭୁଜା ଖାଇବାକୁ ଦେଉଥିଲେ । ପରବର୍ତୀ ସମୟରେ ବାବାଙ୍କର ପରିଚୟ ପରିବର୍ତନ ହୋଇ ଭୁଜାଖିଆ ବାବା ହୋଇଥିବାର ଶୁଣିବାକୁ ମିଳେ । ବାବାଙ୍କ ତିରୋଧାନ ପରେ ସେହି ସ୍ଥାନରେ ତାଙ୍କର ସମାଧି ନିର୍ମାଣ କରାଯାଇଥିଲା । ତେବେ ଭାଇଚାରାର ନିଦର୍ଶନ ପାଲଟିଥିବା ବାବା ଭୁଜାଖିଆ ପୀରଙ୍କ ପୀଠ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବାବାଙ୍କ ପୀଠକୁ ଆସିଲେ ମନୋସ୍କାମନା ପୂରଣ ହୁଏ ବୋଲି ସମସ୍ତଙ୍କର ଅଗାଢ ବିଶ୍ୱାସ ରହିଛି । ମନୋବାଂଛା ପୂରଣ ହେଲେ ବାବାଙ୍କ ଆସ୍ତାନରେ ଶ୍ରଦ୍ଧାଳୁମାନେ ଚାଦର ଚଢ଼ାଇବାକୁ ଆସି ଥାଆନ୍ତି ବୋଲି ଶୁଣିବାକୁ ମିଳେ । ବାବା ଭୂଜାଖିଆ ପୀର ଉର୍ସ କମିଟିର କର୍ମକର୍ତାମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଦ୍ୱିତୀୟ ଦିବସ ପ୍ରାତଃକାଳରେ ସାମୂହିକ କୋରାନ୍ ପାଠ ସାଙ୍ଗକୁ ବାବାଙ୍କ ଆସ୍ତାନରେ ଚଦର ଚଢ଼ାଇବା କାର୍ଯ୍ୟକ୍ରମ ଜାରି ରହିବ । ବାଲେଶ୍ୱର ସହର ସମେତ ବିଭିନ୍ନ ଅଂଚଳର ମସଜିଦ କମିଟି ପକ୍ଷରୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ଆସି ବାବାଙ୍କ ଆସ୍ତାନ ଉପରେ ଫୁଲର ଚାଦର ଚଢାଇବେ । ରାତି ୯ଟାରୁ ବିଶିଷ୍ଟ ମୌଲବୀଙ୍କ ଦ୍ୱାରା ଧର୍ମ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ତୃତୀୟ ଦିବସ ସକାଳଠାରୁ ରାତିସାରା ବାବାଙ୍କ ଆସ୍ତାନରେ ଚାଦର ଚଢାଇବା କାର୍ଯ୍ୟକ୍ରମ ସହ ଫାତେହା ଓ ଶିରଣୀ ବିତରଣ ଓ ମୌଲବୀଙ୍କ ଦ୍ୱାରା ବକ୍ତୃତା କାର୍ଯ୍ୟକ୍ରମ ଓ କବିତା ପାଠ ପର୍ବ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶେଖ ଜାହିରୁଦ୍ଦିନ ପ୍ରକାଶ କରିଛନ୍ତି । ତିନି ଦିନିଆ ଉର୍ସ ଉତ୍ସବର ପ୍ରବଳ ଜନଗହଳି ନିୟନ୍ତ୍ରଣ ତଥା ଶାନ୍ତିଶଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଶାନ୍ତି କମିଟି ଓ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଆବଶ୍ୟକୀୟ ସଂଖ୍ୟାରେ ଫୋର୍ସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରଯାଇଛି ।

ଓଡ଼ିଆ ପକ୍ଷ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,(ନି.ପ୍ର.) ଓଡ଼ିଆ ପକ୍ଷ ୨୦୨୬ ଅବସରରେ ଆଜି ପୂର୍ବାହ୍ନ ୯.୩୦ ଘଟିକା ସମୟରେ ବାଲେଶ୍ୱର ପ୍ରଶାସନ ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଥିବା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ । ସେହି ସମୟରେ ତାଙ୍କ ସହିତ ମାନ୍ୟବର ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲାପରିଷଦ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ବାଲେଶ୍ୱର ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଓ ଜିଲ୍ଲା ହସ୍ପିଟାଲ୍ ର ପ୍ରଶାସନିକ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତୀ ସମୟରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ

ରକ୍ତଦାନ ଶିବିରକୁ ପରିଦର୍ଶନ କରିଥିଲେ ଏବଂ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତ ଦାନ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ଅମୂଲ୍ୟ କୁମାର ଦାସ ଓ ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଖୁବ୍ ସୁରୁଖୁରୁରେ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ଦାତା ମାନେ ଖୁବ୍ ଆଗ୍ରହ ସହକାରେ ରକ୍ତ ଦାନ କରିଥିଲେ । ସମାଜସେବୀ ସଲିମ ରାଜା ଓ ଯୋଶଦା ନନ୍ଦନ ଆସ୍ ଙ୍କ ସହିତ ଅନେକ ସ୍ୱେଚ୍ଛସେବୀ ସଂଗଠନର କର୍ମକର୍ତା ମାନେ ଏବଂ ଜିଲ୍ଲା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଆଜି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ଆଜି ଚାନ୍ଦିପୁରରେ ୧୫୭ ୟୁନିଟ, ଜଳେଶ୍ୱରରେ ୨୧ ୟୁନିଟ ଏବଂ ରୂପସାରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ତେଣୁ ଆଜି ସର୍ବ ମୋଟ ୨୪୪ ୟୁନିଟ ରକ୍ତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ସଂଗ୍ରହ କରାଯାଇଛି । ଓଡ଼ିଆ ପକ୍ଷ ଆରମ୍ଭ ହେବା ପରଠାରୁ ବର୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୮୩୭ ୟୁନିଟ ରକ୍ତ ସଂଗ୍ରହ କରିବାରେ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ସଫଳ ହୋଇଛି ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ ଅମ୍ରିତର ଶୁଭ ଉଦ୍‌ଘାଟନ

ବାଲେଶ୍ୱର(ନି.ପ୍ର.) ଆଜି ବାଲେଶ୍ୱର ସହରରେ ନୂତନ ଭାବେ ଏକ ସ୍ୱେଚ୍ଛାସେବୀ ସଂଗଠନ ଜୀବନ ଅମ୍ରିତର ଶୁଭ ଉଦଘାଟନ ହୋଇଯାଇଛି । ଏହି ଅବସରରେ ସଂଗଠନ ତରଫରୁ ସହରର ଫାଣ୍ଡିଛକ ଠାରୁ ଫକୀର ମୋହନ ଗୋଲାଇ ପର୍ଯ୍ୟନ୍ତ ନିଆରା ଢଙ୍ଗରେ ବୃକ୍ଷ ରୋପଣ କରାଯାଇଥିବା ବେଳେ ପ୍ରତ୍ୟେକ ଗଛକୁ ସହରର ଜଣେ ଜଣେ ପ୍ରତିଭାବାନ ମଣିଷଙ୍କ ନାମରେ ନାମିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ସତ୍ୟରଂଜନ ଦାସଙ୍କ ପ୍ରତ୍ୟେକ ତତ୍ୱାବଧନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ସ୍ୱରୂପ କୁମାର ଦାସ,ସୁଧାଂଶୁ ଶେଖର ପରିଡା, ସୁଦର୍ଶନ ଜେନା,ପୌରପରିଷଦର ଅଧ୍ୟକ୍ଷା

ସବିତା ସାହୁ,ପୂର୍ବତନ ଉପାଧ୍ୟକ୍ଷ ରଶ୍ମିରେଖା ଦେବ,ମନୋଜ ରାଉତ,ଓଡିଶା ଖବରର ସଂପାଦକ ଅମିୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ରଂଜନ ବାଗ,ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି,ଯୁବ ନେତା ସରୋଜ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂଗଠନର ଏଭଳି ମହାନ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ । ଗଛ ଲଗାଇବା ବଡ କଥା ନୁହେଁ, ଗଛ ଲଗାଇବା ପରେ ତାକୁ ବଂଚାଇ ରଖିବା ହିଁ ପ୍ରକୃତ ଉଦ୍ଦେଶ୍ୟ ହେବ ବୃକ୍ଷ ରୋପଣର ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମହାନ୍ତି, ଉପ ସଭାପତି ନିରଞ୍ଜନ ମହାନ୍ତି, ବାଲେଶ୍ୱର ଆବାହକ ସମ୍ବିତ ବିଶ୍ୱାଳ, ରେମୁଣା ଆବାହକ ସ୍ମାରକ ଦାଶ,କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ରାଉତ,ସଭ୍ୟ ଧିରେନ ନାୟକ, ଅଭିଲିପ୍ସା ସାହୁ,ସାହିଦ ମଲ୍ଲିକ, ରଂଜିତ ନାୟକ,ଷ୍ପର୍ସ ଦାସ,ଜୁବୁଲି ପଣ୍ଡା,ଅନୁପ ସେଠୀ,ଜୟନ୍ତ ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଦିବଂଗତ କବି ଅଖିଳ ନାୟକଙ୍କ ସ୍ମୃତିରେ ବାଲେଶ୍ୱରରେ ପ୍ରଥମ ଥର ପାଇଁ ପାଳିତ ହେଲା ଅଖିଳ ଜନ ସାହିତ୍ୟ ଉତ୍ସବ-୨୦୨୬

ବାଲେଶ୍ୱର, (ନି.ପ୍ର.): ସ୍ଥାନୀୟ କ୍ଷେସନ କ୍ଲବ୍ ଠାରେ 'ଅଖିଳ ସାମାଜିକ ସାଂସ୍କୃତିକ ଟ୍ରଷ୍ଟ' ଏବଂ 'ମୂଳନିବାସୀ ସାହିତ୍ୟ ଆଖଡା'ର ମିଳିତ ସହଯୋଗରେ ପ୍ରଥମଥର ପାଇଁ ବାଲେଶ୍ୱରରେ ଅଖିଳ ଜନ ସାହିତ୍ୟ ଉତ୍ସବ ସଂପ୍ରତି ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବକୁ ଉଦଘାଟନ କରିଥିଲେ ସିମିଳିପାଳ ଭିଟାମାଟି ଆନ୍ଦୋଳନର ନେତା ତେଲେଂଗା ହାସ । ପ୍ରାରଂଭରେ ସଂପ୍ରତି ବିଶ୍ୱରେ ଗାଜା ତଥା ଇରାନ ବିରୁଦ୍ଧରେ ଇସ୍ରାଏଲ -ଆମେରିକାର ସାମ୍ରାଜ୍ୟବାଦୀ ବର୍ବର ଆକ୍ରମଣ, ରାଜ୍ୟ ପରିପ୍ରେକ୍ଷୀରେ ବୃହତ ପୁଂଜିପତିଙ୍କ ସ୍ୱାର୍ଥରେ ସିଜିମାଲିରେ ଚଳମାନ ରାଷ୍ଟ୍ରଦମନ ଓ ଲିଙ୍ଗରାଜ ଆଜାଦଙ୍କ ସମେତ ୨୪ ଜଣ ସିଜିମାଲି ଆନ୍ଦୋଳନକର୍ମୀଙ୍କ ଅନ୍ୟାୟ ଗିରଫଦାରୀର ନିନ୍ଦା ପ୍ରସ୍ତାବ ସଭାରେ ସର୍ବସହମତି କ୍ରମେ ଗୃହୀତ ହୋଇଥିଲା । ତାପରେ ଅଖିଳ ନାୟକ ଯିଏ ଆଗକୁ ବଢେଇ ନେଇଥିଲେ ଓଡିଆ ସାହିତ୍ୟରେ ଜନବାଦୀ ଧାରାକୁ ଆଉ ଗୋଟେ ପାଦ, ତାଙ୍କ ଚଚିତ ଏକ ପ୍ରତିରୋଧୀ କବିତା ଆବୃତିରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ମହାନ ଜନବାଦୀ ସାହିତ୍ୟିକ ଭଗବତୀ ପାଣିଗ୍ରାହୀଙ୍କ ତିରୋଧାନ ଓ ମହାଶ୍ୱେତା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅଧ୍ୟାପକ ଗୋପବନ୍ଧୁ ସେମାନଙ୍କ ସହ ଅଖିଳ ନାୟକଙ୍କ ରଚନାରେ ପ୍ରତିରୋଧର ସଂସ୍କୃତି ଉପରେ ଆଲୋକପାତ କରିଥିଲେ । କବି ତଥା ବିଗତ ବାଲିଆପାଳ ଆନ୍ଦୋଳନର ନେତ୍ରୀ ଭବାନୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜନବାଦୀ କଥାକାର ଓ କବି ସମୀର ରଂଜନଙ୍କୁ ଚଳିତ ବର୍ଷର 'ଅଖିଳ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ଉତମ ଜେନା ଅନୁଦିତ କବି ହେମନ୍ତ ଦଳପତିଙ୍କ କବିତା ସଂକଳନ 'ତୀରରେ ଲେଖିଲୁ ନାଁ ତୁମର'ର ଇଂରାଜୀ ସଂକଳନ ଏହି ଉତ୍ସବରେ ଲୋକାର୍ପିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ କଥାକାର ଓ ମାନବାଧିକାର କର୍ମୀ ଦେବ ରଂଜନଙ୍କ ସଂଚାଳନାରେ ସାମ୍ପ୍ରତିକ ଫାସିବାଦ ଓ ଲେଖକୀୟ କର୍ତବ୍ୟକୁ ନେଇ ଆୟୋଜିତ ହୋଇଥିଲା ଏକ ଆଲୋଚନା ଚକ୍ର । ଏଥିରେ ବିପ୍ଳବୀ ଲେଖକ ସଂଘ, ଆନ୍ଧ୍ରପ୍ରଦେଶର ସଭାପତି ରେବେରା, ବେଲାର୍ମତି, ପ୍ରଶାନ୍ତ ହାଲଦାର ଓ ସରୋଜ ପ୍ରମୁଖ ସାହିତ୍ୟିକ ତଥା ସାମାଜିକ କର୍ମୀ ଆଲୋଚକ ଭାବେ ଯୋଗ ଦେଇ ପରିବେଶକୁ ବିଚାରୋତେଜକ କରି ତୋଳିଥିଲେ । ଅପରାହ୍ନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କବିଙ୍କ କବିତାପାଠରେ ମୁଖରିତ ହୋଇଥିଲା ଅଖିଳ ଜନ ସାହିତ୍ୟ ଉତ୍ସବ । ସମାରୋହରେ କବି ଶ୍ରୀଦେବ, ମନୁଆ ଦାଶ, ବିରଜା ବଳ, ଭାରତ ମାଝୀ, କେଦାର ମିଶ୍ର, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଗଂଗାଧର ବିଶ୍ୱାଳ, ସିତାଂଶୁ ଲେଙ୍କା, ସୁବ୍ରତ ଜେନା, କୃଷ୍ଣ କୁମାର ମହାନ୍ତି, ଉତ୍ପଳ ମହାନ୍ତି, ପ୍ରଶାନ୍ତ ଦାସ, ସାବିତ୍ରୀ କବି, ସଂଜୟ ପଣ୍ଡା, ନିବାରଣ ଜେନା, ମମତା ସାହୁ, ପ୍ରଜ୍ଞାପ୍ରଭା କହଁର, ଅଶ୍ୱିନୀ କୁମାର, ପ୍ରଶାନ୍ତ ହାଲଦାର, ଶୁଭମ୍ ସାହୁ, ମନ୍ମଥ ଦାସ, ଗୋପବନ୍ଧୁ ମହାନନ୍ଦ, ମୁକେଶ ସୁନା, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ବହୁ ପ୍ରବୀଣ ତରୁଣ କବି ଲେଖକଙ୍କ ସମେତ ବହୁ ମାର୍କ୍ସବାଦୀ ଆମ୍ବେଦକରବାଦୀ କର୍ମୀ ଯୋଗ ଦେଇଥିଲେ । ଶେଷରେ ଟ୍ରଷ୍ଟର ସମ୍ପାଦକ ତଥା କବି ଲେନିନ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ସମାପନ କରିଥିଲେ ।

କାର୍ଯ୍ୟକ୍ରମ ପରିଚାଳନାରେ ହେମନ୍ତ ଦଳପତି, ଡମ୍ବରୁ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ପତ୍ରିପାଳ ଗାଁରୁ ବିରଳ ପକ୍ଷୀ ଉଦ୍ଧାର

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ପତ୍ରିପାଳ ଗ୍ରାମରୁ ଏକ ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର ହୋଇଥିବା ସୂଚନା ମିଳିଛି ।ପ୍ରାଥମିକ ଅନୁମାନ ଅନୁସାରେ ଏହି ପକ୍ଷୀଟି ବିରଳ 'ହାଡ଼ଗିଲା' (ଏକ୍ସବରବଷ୍ପରକ୍ସ ଇୟହଙ୍କଷ୍ପବଭଷ୍ପ) ପ୍ରଜାତିର ହୋଇପାରେ ।ସ୍ଥାନୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଗତକାଲି ଅପରାହ୍ନରେ ଏ ଅଂଚଳରେ ପ୍ରବଳ ଘୂର୍ଣ୍ଣିଝଡ଼ ସହ ବର୍ଷା ହୋଇଥିଲା । ବର୍ଷା ଥମିବା ପରେ ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ଗ୍ରାମବାସୀମାନେ ଏହି ବିଶାଳକାୟ ପକ୍ଷୀଟିକୁ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ । ପକ୍ଷୀଟିର ଅସାମାନ୍ୟ ଆକୃତି ଓ ଆକାର ଦେଖି ଗ୍ରାମବାସୀମାନେ ଏହାକୁ ଉଦ୍ଧାର କରି ସମ୍ପୃକ୍ତ କର୍ତୃପକ୍ଷଙ୍କୁ ସୂଚନା ଦେଇଥିବା ଜଣାପଡ଼ିଛି ।ପକ୍ଷୀଟିର ସଠିକ ପରିଚୟ ଓ ଚିକିତ୍ସା ପାଇଁ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

ଡ଼ା ଯଦୁନାଥ କଲେଜରେ ଗ୍ରୀଷ୍ମ କାଳୀନ ଜଳ ସେବା ଶିବିର

ବାଲେଶ୍ୱର(ନି.ପ୍ର.)-ଭାରତ ସ୍କାଉଟ୍ ଏଣ୍ଡ୍ ଗାଇଡ୍ ପକ୍ଷରୁ ଡ଼ା ଯଦୁନାଥ କଲେଜରେ ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ଜଗନ୍ନାଥ ଜୀ ରୋଭାର କ୍ରୀଡ ଓ ତାଙ୍କ ଧର୍ମ ପତ୍ନୀ ଲକ୍ଷ୍ମୀପ୍ରିୟା ଜୀ ରେଞ୍ଜର ଟିମ୍ ପକ୍ଷରୁ ପାନୀୟ ଜଳ ସେବା ଶିବିର ପଥଚାରୀଙ୍କ ପାଇଁ ଉଦ୍ଘାଟିତ ହୋଇଯାଇଛି । ଏହି ଶିବିରକୁ ସ୍କାଉଟ ରୋଭାର ଲିଡର ସଞ୍ଜୟ କୁମାର ସାହୁଙ୍କ ତତ୍ୱାବଧାନରେ ଓ କଲେଜ୍‌ର ଅଧକ୍ଷା ତୃପ୍ତି ଲତା ଦାସଙ୍କ କରକମଳରେ ଉଦ୍ଘାଟିତ ହୋଇଯାଇଛି । ଏଥିରେ ଜଗନ୍ନାଥ ଜୀ ଙ୍କ ପୁତ୍ର ଆଲୋକ କୁମାର ଜୀ, ଏକାଡେମୀକ୍ ମୁଖ୍ୟ ମନିଷା ବର୍ଦ୍ଧନ ଓ ଅନନ୍ତପୁର ମହାବିଦ୍ୟାଳୟ ଅଧାପକ୍ ଡ଼: ଗୟାଧର ମଲ୍ଲିକ, ଜାତୀୟ ସେବା ଯୋଜନା ଅଧିକାରୀ

ରସାନନ୍ଦ ବାଗ୍, ଅନୁଜ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଗ୍ରୀଷ୍ମ କାଳୀନ ଜଳ ସେବା ଶିବିର ଏକ ମାସ ବ୍ୟାପୀ ଚାଲିବ । ଏଥିରେ ବିଭିନ୍ନ ପ୍ରକାର କାର୍ଯ୍ୟ ଯଥା ପଥଚାରୀ ଓ ଦୋକାନୀ ମାନେ ଖରା ସମୟରେ ଘରୁ ନ ବାହାରିବା, ବୁଲା ଷଣ୍ଢ, ଗୋରୁଗାଈ ଓ ପକ୍ଷୀମାନଙ୍କୁ ପାତ୍ରରେ ପାଣି ଯୋଗାଇବାର ବ୍ୟବସ୍ଥା କରିବା ଏବଂ ଲୋକ ମାନଙ୍କୁ ସଚେତନ କରାଇବା । ଉଦ୍‌ଘାଟନ ଦିବସରେ ସମସ୍ତଙ୍କୁ ଦହି ସରବତ ଓ ଲେମ୍ବୁପାଣି ଦିଆଯାଇଥିଲା ।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଆୟୋଜିତ ହେଲା ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବାଲେଶ୍ୱର(ନି.ପ୍ର.): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ(ଓବିବିଏ) ପକ୍ଷରୁ ଏକ ସ୍ୱାସ୍ଥ୍ୟ ଓ ସାହିତ୍ୟ ଭିତିକ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଏକ ସମୂହ ସଂଗୀତ ପରିବେଷଣ କରାଯାଇ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାର ବାର୍ତା ପ୍ରେରଣ କରାଯାଇଥିଲା । ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଏକତ୍ର ଭାବରେ କାର୍ଯ୍ୟ କରିବା ଓ ବିଜ୍ଞାନକୁ ସେଥିସହ ସଂଯୁକ୍ତ କରିବା ସଂପର୍କରେ ବିଭିନ୍ନ କାହାଣୀ ଓ ଉଦାହରଣ ମାଧ୍ୟମରେ ତାଙ୍କର

ବକ୍ତବ୍ୟ ରଖିଥିଲେ ।

ଅତିଥି ଭାବରେ ଯୋଗ ଦେଇଥିବା ଶଲ୍ୟଚିକିତ୍ସା ବିଶେଷଜ୍ଞ ଡାକ୍ତର ରଞ୍ଜନ କୁମାର ପାଢ଼ୀ ବିଶ୍ୱସ୍ୱାସ୍ଥ୍ୟ ଦିବସ ପାଳନର କାରଣ ସଂପର୍କରେ ସୂଚନା ଦେବା ସହିତ ମାନସିକ ରୋଗର କାରଣ ଓ ନିରାକରଣ ସଂପର୍କରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୁର୍ବେଦିକ ମେଡିକାଲ ଅଫିସର ତଥା ଅବସରପ୍ରାପ୍ତ ନିରୀକ୍ଷକ ଡାକ୍ତର ଲକ୍ଷ୍ମୀକାନ୍ତ ହୋତା ଭାରତର ଆତ୍ମା ଗାଁରେ ଅଛି ବୋଲି ପ୍ରକାଶ କରି ସୁସ୍ଥ ରହିବା ନିମିତ ବ୍ୟାୟାମ, ଖାଦ୍ୟ, ପାନୀୟ, ନିଦ୍ରା ଓ ବିଶ୍ରାମ ଉପରେ ଗୁରୁତ୍ୱ ଦେବା କଥା ପ୍ରକାଶ କରିଥିଲେ । ହୋମିଓପ୍ୟାଥିକ ମେଡିକାଲ ଅଫିସର ଡାକ୍ତର ସସ୍ମିତା ମଣ୍ଡଳ ସାମ୍ପ୍ରତିକ ସମୟରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଜୀବନ ଶୈଳୀରେ ବିପର୍ଯ୍ୟସ୍ତ ଘଟୁଥିବାରୁ ତାହାର ନିରାକରଣ କରିବା ଉଚିତ ବୋଲି ପ୍ରକାଶ କରି ନାରୀ ସୁସ୍ଥ ରହିଲେ ପରିବାର ଓ ସମାଜ ସୁସ୍ଥ ରହିବାର ସୂଚନା ଦେଇଥିଲେ । ମହେନ୍ଦ୍ର କୁମାର ପାଣିଗ୍ରାହୀ ସ୍ୱାସ୍ଥ୍ୟ ସଂପର୍କରେ ଏକ ସ୍ୱରଚିତ କବିତା ପାଠ କରିଥିଲେ । ସାଧାରଣ ସମ୍ପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଜୁମର ନାଥ ପାତ୍ର ଅତିଥିମାନଙ୍କୁ ମଂଚାସୀନ କରାଇଥିଲେ । ଶେଷରେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାଉତ, ନିବାରଣ ଜେନା, ତପନ ରାୟ, ପ୍ରଫେସର ରଶ୍ମିରେଖା ପତି, ଶରତ କୁମାର ମହାପାତ୍ର, ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ଡକ୍ଟର ଶିରୀଶ ଚନ୍ଦ୍ର ଜେନା, ଡକ୍ଟର ଲକ୍ଷ୍ମଣ ଚରଣ ବିଶ୍ୱାଳ, ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ବାସନ୍ତୀ ଦେ, ଅର୍ଚ୍ଚନା କର, ସଂଗୀତା ବାରିକ, କୃଷ୍ଣା ପ୍ରଧାନ, ସୁନାମଣି ଜେନା, କବିତା ଜେନା, ଭାସ୍କର ଚନ୍ଦ୍ର ମିଶ୍ର, ପୁଷ୍ପଲତା ଚକ୍ରବର୍ତୀ, ରଜନୀକାନ୍ତ ବେହେରା, ତ୍ରିନାଥ ନନ୍ଦୀ, ପ୍ରଭାସ ଚନ୍ଦ୍ର ମଲ୍ଲିକ, ଜ୍ୟୋତ୍ସ୍ନା ରାୟ, ଡକ୍ଟର ସମରବଲ୍ଲଭ ଭୋଇ, ସ୍ମୃତି ଦାସ, ବେଣୁଧର ସାହୁ, ଲମ୍ବୋଦର ନାୟକ, ଉର୍ମିଳା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ଯାଂଚ ଟିମର ଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ : ଯାଂଚ ପୂର୍ବରୁ ୩ମାମଲା ଯାଂଚ ପରେ ଅଧିକାରୀ ନିରବ

ଖଇରା(ନିପ୍ର) : ଖଇରା ତହସିଲ ଅଧୀନସ୍ଥ ଶାରିଶୁଆ ପାହାଡ ସଂଲଗ୍ନ ବିଭିନ୍ନ କ୍ରସର ଯାଂଚସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୧୭ଦିନ ପରେ ମଧ୍ୟ ଗୋଟିଏ ହେଲେ କ୍ରସର ଉପରେ ମାମଲା ରୁଜୁ ହୋଇ ପାରିନାହିଁ । ଏଭଳି ଚଢାଉ ପାହାଡ ସୁରକ୍ଷା ପାଇଁ ଥିଲା ନା ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଥିଲା ତାକୁ ନେଇ ଏବେ ନାନା କଥା କୁହାଯାଉଛି । ଚଢାଉ ପୂର୍ବରୁ ତରବରିଆ ଭାବେ ୩ଟି କ୍ରସର ଉପରେ ମାମଲା ରୁଜୁ କରାଯାଇଥିବା ବେଳେ ସୂଚନା ଦେଇ ବିଧିବଦ୍ଧ ୪ଦିନର ଝାଳବୁହା ଯାଂଚ ପରେ ଅଦ୍ୟାବଧି ଗୋଟେ ହେଲେ ମାମଲାରୁ ହୋଇ ନପାରିବା ସମଗ୍ର ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗତ ୧୮ ତାରିଖ ଦିନ ଅତିରିକ୍ତ ଏସପି ନିରଞ୍ଜନ ବେହେରା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଅଚାନକ ଶାରିଶୁଆ ପାହାଡ ସଂଲଗ୍ନ ଅଂଚଳ ଗସ୍ତ କରି ୩ଟି କ୍ରସର ଉପରେ ମାମଲା ରୁଜୁ କରିଥିଲେ । ୧୯ ତାରିଖ ଦିନ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ବୈଠକ ଖଇରା ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକକୁ ସମସ୍ତ କ୍ରସର ମାଲିକ ଙ୍କୁ ଡକାଯାଇଥିବା ବେଳେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ମଧ୍ୟ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଏସଡିପିଓ ପୁର୍ଣ୍ଣାଙ୍ଗ ଯାଂଚ ସମ୍ପର୍କରେ ସୁଚନା ଦେଇଥିବା ବେଳେ ଏଥିପାଇଁ ସମସ୍ତ କ୍ରସର ମାଲିକଙ୍କ ସହଯୋଗ ଲୋଡିଥିଲେ । ମାର୍ଚ୍ଚ ୨୦ଓ ୨୧ ଦୁଇଦିନ ଧରି ୨୨ଟି କ୍ରସର ସହ ଆନୁସଙ୍ଗିକ କାଗଜ ପତ୍ର ଯାଂଚ କରାଯାଇଥିଲା । ଦିର୍ଘଦିନ ଧରି ଅଣନିଶ୍ୱାସୀ ହୋଇପଡିଥିବା ପାହାଡ ସଂଲଗ୍ନ ୮ଟି ପଂଚାୟତର ଅଧିବାସୀ ଟିମର ଏଭଳି ଚଢାଉ କୁ ନେଇ ବହୁତ କିଛି ଆଶା କରିଥିଲେ । ହେଲେ ଏସଡିପିଓ ଙ୍କ ନେତୃତ୍ୱ କରାଯାଇଥିବା ଏହି ଯାଂଚ ଟିମର ନିରବତା ପରେ ସାଧାରଣ ଲୋକ ପୋଲିସ ଉପରୁ ଆସ୍ଥା ହରାଉଛନ୍ତି । କିଛି ମାସର ବ୍ୟବଧାନରେ କରାଯାଉଥିବା ଏହି ଚଢାଉ କରାଯାଇ ଖଇରା ବାସୀଙ୍କୁ ଭକୁଆ କରି ରଖାଯାଉଥିବା ପାହାଡ ସଂଲଗ୍ନ ବିଭିନ୍ନ ଗ୍ରାମର ଅଧିବାସୀ ମାନେ କହିଛନ୍ତି । ୨ଦିନିଆ ଚଢାଉରେ ଏସଡିପିଓ ଙ୍କ ସମେତ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ, କନିଷ୍ଠ ଖଣି ଅଧିକାରି ଅଭିଷେକ ବେହେରା, ଆୟକର ବିଭାଗ କର୍ମଚାରୀ ରାକେଶ ମୁଦୁଲି ଓ ପ୍ରଦୁଷଣ ନିୟନ୍ତ୍ରଣ ବିଭାଗରୁ ପ୍ରମୋଦ ରାଉତ ପ୍ରମୁଖ ସାମିଲ ଥିଲେ । ତଥାପି ବେଆଇନ କାଗଜ ପତ୍ରରେ ଚାଲୁଥିବା ୫ଟି କ୍ରସର ଯାଂଚ ଟିମ ନଜରରେ ଆସିଥିଲା ଏବଂ ସେମାନଙ୍କ ଉପରେ ମାମଲା ରୁଜୁ ହେବ ବୋଲି ଯାଂଚ ପରେ ଟିମ ସୁଚନା ଦେଇଥିଲା । ହେଲେ ଟିମ କବଜାରେ ରାଜନୈତିକ ଲିଙ୍କରେ ଥିବା ଜଣେ ମାଲିକ ଥିବାରୁ ତାଙ୍କ ବିରୋଧରେ କେଶ କରିବାକୁ ସାହସ ଜୁଟାଇପାରୁ ନ ଥିବା ଟିମ ଏବେ ନିରୁପାୟ ହୋଇ ବସିଥିବା ଆଲୋଚନା ହେଉଛି । ଯାଂଚର ୧୭ ଦିନ ପରେ ମଧ୍ୟ ପୋଲିସ ନିରବ ହୋଇ ବସିବା ଏହି ସନ୍ଦେହକୁ ଅଧିକ ଦୃଢ କରିଛି । ଖଣି ବିଭାଗ ସଚୀବ ତଥା ଖୋଦ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ପାହାଡ ସଂଲଗ୍ନ ଗ୍ରାମର ଅଧିବାସୀ ମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଏସପି ପ୍ରତ୍ୟୁଷ ଦିବାକରଙ୍କୁ ଯୋଗାଯୋଗ କରିବାରେ ଏହି ତଦନ୍ତରେ ଅନେକ ଗୁଡିଏ ବିଭାଗ ସଂଶ୍ଳିଷ୍ଟ ଥିବାରୁ ସବୁବିଭାଗରୁ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ବୋଲି କହିଛନ୍ତି ।

୮୧୫ ପଞ୍ଜିକୃତ ଚାଷୀ ଧାନ ବିକ୍ରିରୁ ବଂଚିତ

ନୀଳଗିରି(ନିପ୍ର) : ରାଜ୍ୟସରକାର ମାର୍ଚ୍ଚ୩୧ତାରିଖ ଖରିଫଋତୁରେ ଅମଳହୋଇଥିବା ଧାନବିକ୍ରି ପାଇଁ ଶେଷଅବଧି ରଖିଥିଲେ । ଇତିମଧ୍ୟରେ ଅବଧି ଶେଷହୋଇସାରିଥିଲେ ମଧ୍ୟ ନୀଳଗିରି ଲ୍ୟାମ୍ପ ଅଧୀନରେ ଥିବା ୯ଟି ଧାନମଣ୍ଡିରେ ୮୧୫ ପଞ୍ଜୀକୃତଚାଷୀ ସେମାନଙ୍କର କଷ୍ଟଅର୍ଜିତ ଧାନକୁ ସରକାରୀ ଦରରେ ବିକ୍ରିକରିବାରୁ ବଂଚିତ ହୋଇଛନ୍ତି । ସେମାନଙ୍କ ଧାନ କେବେ ଉଠିବ ସେନେଇ ଆଶାଆଶଙ୍କାରେ ଚାଷୀ । ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏହି ଏକ ତଥ୍ୟ ସମ୍ବଳିତ ରିପୋର୍ଟ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଉକ୍ତ ସମବାୟସମିତି ଅଧିନରେ ଥିବା ଧାନକ୍ରୟ କେନ୍ଦ୍ର ଯଥା:-ପୁନ୍ଦାଳରେ ୧୦ଜଣ ଚାଷୀଙ୍କର ୩୩୫.୨୯କ୍ୱିଂଟାଲ, କଂଶ ଅଧୀନରେ ୧୭ଜଣ ଚାଷୀଙ୍କ ୭୩୧.୮୯କ୍ୱିଂଟାଲ, ମିତ୍ରପୁରରେ ୩୨୨ଜଙ୍କର ୧୦.୦୩୦କ୍ୱିଂଟାଲ, ଅଯୋଧା ଅନ୍ତର୍ଗତ ୫୧ଜଣ ଚାଷୀଙ୍କ ୧୬୪୭.୮୯କ୍ୱିଂଟାଲ, ଅମ୍ବିକାପୁର ଅଧୀନରେ ୬୯ଜଣ ଚାଷୀଙ୍କ ୧୯୬୨.୭୮କ୍ୱିଂଟାଲ, ସିଆଡିମାଳରେ ୬୪ଜଣ ଚାଷୀଙ୍କ ୧୯୧୮.୩୮କ୍ୱିଂଟାଲ, ସଜନାଗଡ ଅଧୀନରେ ୨୨୯ଜଣ ଚାଷୀଙ୍କର ୬୫୯୬.୬୧କ୍ୱିଂଟାଲ, ମହିଷାପଟା ଅଧୀନସ୍ଥ ୧୪ଚାଷୀଙ୍କ ୫୧୭.୦୭କ୍ୱିଂଟାଲ ଏବଂ ଭଉଁରିଆବାଡ ଅନ୍ତର୍ଗତ ୩୯ଜଣ ଚାଷୀଙ୍କର ୧୫୮୦କ୍ୱିଂଟାଲ ପାଖାପାଖି ୨୫୩୨ଟନ୍ ଧାନ ମହଜୁଦ ରହିଥିବା ସୂଚନା ଦେଇଛନ୍ତି । ତେବେ ମିଲର ଏବଂ ପରିବହନ ସଂସ୍ଥାପାଇଁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଉଥିବାବେଳେ ପ୍ରଶାସନ ପକ୍ଷରୁ ଉଭୟସଂସ୍ଥାରେ ସମନ୍ୱୟ ରକ୍ଷାକରି ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କ ଠାରେ ଦାବିକରିଛନ୍ତି । ମହଜୁଦ ରହିଥିବା ଧାନ କେବେ ଉଠିବ ଏବଂ କେବେ ଚାଷୀମାନଙ୍କର ଆଶଙ୍କା ଦୂରହେବ, ତାହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି ।

ବିଭିନ୍ନ ସ୍ଥାନରେ ଗୋ ମାଫିଆଙ୍କ ଘରେ ପୋଲିସ ଚଢ଼ାଉ ଜାରି

ସୋର(ନିପ୍ର) : ସୋର ଥାନା ଅନ୍ତର୍ଗତ ବାରିକପୁରରେ ଥିବା କୁଖ୍ୟାତ ଗୋ ମାଫିଆଙ୍କ ଘରେ ବାଲେଶ୍ୱର ପୋଲିସର ଚଢ଼ାଉ, ଗୋରୁ ଗାଡିକୁ ଏସ୍କଟ ଦେଉ ଥିବା ଗୋଟିଏ ବୋଲେରୋ ଏବଂ ଗୋଟିଏ ପିକଅପ ଜବଦ କରିଛି ପୋଲିସ । ଖନ୍ତାପଡ଼ା ଥାନା ପଣପଣା ନିକଟରେରେ ଗୋ ରକ୍ଷକଙ୍କୁ ଗାଡି ଚଢାଇ ମାରିବା ଘଟଣାରେ ଏହି ଗୋ ମାଫିଆର ନାଁ ରେ ଅଭିଯୋଗ ହୋଇ ଥିଲା । ବାଲେଶ୍ୱର ସଦର ଏସଡିପିଓ ନେତୃତ୍ୱରେ ସୋର ଥାନା ଅଧିକାରୀ ଏବଂ ବିଭିନ୍ନ ଥାନା ଆଇଆଇସି ଏବଂ ବାଲେଶ୍ୱର ପୋଲିସ ବିଳମ୍ବିତ ରାତିରୁ ଚଢ଼ାଉ ଆରମ୍ଭ ହୋଇଥିବା ବେଳେ କୁଖ୍ୟାତ ଗୋ ମାଫିଆ ଘରେ ଚାଲିଛି ରେଡ । ବର୍ତ୍ତମାନ ସୁଦ୍ଧା ଦୁଇଟି ଗାଡି ଜବଦ ହୋଇଥିବା ବେଳେ ପୋଲିସ ରେଡ ଜାରି ରହିଛି । ଗୋରକ୍ଷକଙ୍କୁ ଗାଡି ଚଢାଇବା, ଜଣଙ୍କର ମୃତ୍ୟୁ ହେବା ପରେ ଆକ୍ସନ ମୋଡ଼ରେ ରାଜ୍ୟ ସରକାର ପଦକ୍ଷେପ ନେଇ ଆରମ୍ଭ ହୋଇଛି ବିଭିନ୍ନ ଗୋ ମାଫିଆ ଘରେ ପୋଲିସ ଚଢ଼ାଉ ।

ଅନୁଗୁଳ-ନୟାଗଡ଼ ଟାଉନ ରେଳପଥ ନିର୍ମାଣ ଆରମ୍ଭ ପାଇଁ ଦାବିପତ୍ର

ନୟାଗଡ଼(ନିପ୍ର) : ଅନୁଗୁଳ-ନୟାଗଡ଼ ଟାଉନ ଭାୟା ନରସିଂହପୁର, କଂଟିଲୋ, ଖଣ୍ଡପଡା ରେଳପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଆଜି ପ୍ରଦାନ କରାଯାଇଛି । ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଂଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ ତାଳଚେର-ଗୋପାଳପୁର ରେଳପଥର ଏକ ଅଂଶ ସ୍ୱରୂପ ଅନୁଗୁଳ ଠାରୁ ଏକ ରେଳପଥ ଭାୟା ନରସିଂହପୁର, କଂଟିଲୋ ଏବଂ ଖଣ୍ଡପଡା ଦେଇ ନୟାଗଡ଼ ଟାଉନକୁ ସଂଯୋଗ ହେବ । ଏହାପରେ ଖୋର୍ଦ୍ଧା ଟାଉନ-କାଇପଦର ମଧ୍ୟରେ ଏକ ସଂଯୋଗକାରୀ ସିଧା ରେଳପଥ (କର୍ଡ଼ ଲାଇନ) ଦ୍ୱାରା ସଂଯୋଗ ହେଲେ ସିଧାସଳଖ ତାଳଚେରରୁ ଗୋପାଳପୁର ମଧ୍ୟରେ ରେଳ ସଂଯୋଗ ହୋଇପାରିବ । ୧୨୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଏହି ରେଳପଥର ଚୂଡ଼ାନ୍ତ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି । ଗତବର୍ଷ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଂଟିଲୋ ନୀଳମାଧ୍ୱ ମନ୍ଦିର ଦର୍ଶନ ପାଇଁ ଆସିଥିବା ବେଳେ ଏହି ରେଳପଥ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯିବ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଇତିମଧ୍ୟରେ ରେଳମନ୍ତ୍ରୀଙ୍କ ପ୍ରତିଶ୍ରୁତିର ପ୍ରାୟ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏ ନେଇ କ୍ରିୟାନୁଷ୍ଠାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଥିବା ବେଳେ ତୁରନ୍ତ ବଜେଟରେ ଅର୍ଥ ମଂଜୁର କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି । କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଂଚ ପକ୍ଷରୁ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଆବାହକ ଶ୍ରୀ ପଟ୍ଟନାୟକଙ୍କ ସମେତ ନାଗରିକ ମଂଚ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ମହାପାତ୍ର, ପୂର୍ଣଚନ୍ଦ୍ର ଶତପଥୀ, ପ୍ରଦୀପ କୁମାର ସାହୁ ଏବଂ ପ୍ରଦୀପ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

କାଳବୈଶାଖୀ ପ୍ରଭାବ, ଗଛପଡ଼ି ଜଣେ ଗୁରୁତର, ଘର ନଷ୍ଟ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ତହସିଲ ଅଧିନ ସାରକୋଣା, ଗଡପୋଖରୀ ଓ କଇଥଗଡିଆ ଇତ୍ୟାଦି ପଂଚାୟତରେ ବୁଧବାର କାଳ ବୈଶାଖି ପ୍ରଭାବରେ ବହୁ ଘର ଭାଙ୍ଗିଥିବା ବେଳେ ଗଛପଡି ସୁଜାଗଡ (ଖଡିପଦା) ଗ୍ରାମର କନକଲତା ପାତ୍ର ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ଏହାଛଡା ଅମାରଗଡିଆ ଗ୍ରାମର ସିଦ୍ଧାର୍ଥ ବେହେରା, ଝିଙ୍କିରିଆ ଗ୍ରାମର ସୁଦର୍ଶନ ସୂତାର, ସୁଜାଗଡ ଗ୍ରାମର ରଘୁନାଥ ଶଙ୍ଖୁଆ, ମାୟାଧର ଗାହାଣ ମୁଣ୍ଡାହତା ଗ୍ରାମର ବଳରାମ ଜେନା, ଉପେନ୍ଦ୍ର ଜେନା, ପ୍ରହଲ୍ଲାଦ ଜେନା, ମୋହନ ଦାସ ଓ ଭୁବବନାନ୍ଦ ସ୍ୱାଇଁ, ତ୍ରିଶଳପୁର ଗ୍ରାମ ମହାପାତ୍ର ସାହିରର ସୁଷମା ରାଣି ମହାପାତ୍ର, ଧନେଶ୍ୱର ମହାପାତ୍ର ପ୍ରମୁଖଙ୍କ ଘରଭାଙ୍ଗି ଯାଇଥିବା ନେଇ ଅଭିଯୋଗ ହୋଇଛି । ଖଇରା ତହସିଲଦାର ଅମିତ ରଞ୍ଜନ ହୋତା, ସରପଂଚ ସୁଶାନ୍ତ ନାୟକ ପ୍ରମୁଖ ବିଭିନ୍ନ ସ୍ଥାନକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ପଲିଥିନ ଯୋଗାଇ ଦେଇଛନ୍ତି । ସେହିଭଳି କଇଥଗଡିଆରେ ବହୁ ବିଦ୍ୟୁତ ଖୁଂଟ ଭାଙ୍ଗିଥିବାରୁ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି ।

ପୌରପରିଷଦ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା

ଜଳେଶ୍ୱର(ନିପ୍ର) : ଗ୍ରୀଷ୍ମ ପ୍ରବାହ ସହିତ ଜଳକ୍ଲଷ୍ଟ ଧିରେ ଧିରେ ବଢିବାରେ ଲାଗିଛି । ଆଗାମୀ ସମୟରେ ଅଧିକ ଗ୍ରୀଷ୍ମ ପ୍ରବାହ ଓ ପାନୀୟ ଜଳର ଅଭାବ ପରିଲକ୍ଷିତ ହେବାର ଅନୁଭବ କରି ଜଳେଶ୍ୱର ପୌରପରିଷଦ ପକ୍ଷରୁ ୧୭ଟି ୱାର୍ଡର ୧୧ଟି ସ୍ଥାନରେ ସହରବାସୀ ତଥା ଜଳେଶ୍ୱର ସହରକୁ ଆସୁଥିବା ଜନସାଧାରଣ ତଥା ପଥାଚାରୀ ମାନଙ୍କ ପାଇଁ ଜଳଛତ୍ର ଖୋଲାଯିବା ସହିତ ବୁଲା ଗୋରୁ, ଗାଈ, ଛେଳି, କୁକୁର ଇତ୍ୟାଦିଙ୍କ ପାଇଁ ରାସ୍ତାର ଗଛ ମୁଳ ଓ ରାସ୍ତା ପାର୍ଶ୍ୱରେ ଥିବା ଛକ ଜାଗା ମାନଙ୍କରେ ଜଳପାତ୍ର ରଖି ପାନୀୟ ଜଳର ଅଭାବ ମେଂଟଇବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ପକ୍ଷୀ ମାନଙ୍କ ପାଇଁ ବୃକ୍ଷ ଡାଳରେ ଜଳପାତ୍ର ରଖି ସେମାନଙ୍କ ପାଇଁ ମଧ୍ୟ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ମାନବ ମାନଙ୍କ ପାଇଁ ୧୧ଟି ସ୍ଥାନରେ ଓ ପଶୁପକ୍ଷୀ ମାନଙ୍କ ପାଇଁ ୨୦ଟି ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥାକୁ ଆଜି ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, କାଉନସିଲର ଶିବନାରାୟଣ ମହାପାତ୍ରଙ୍କ ସହିତ ଜନସାଧାରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

AFFIDAVIT

By virtue of an affidavit sworn before Executive Magistrate, Balasore dated 08.04.2026, I, Sri Sunil Kumar Murmu, aged about 34 years, S/o- Juja Murmu resident of At- Kiagohiri Ranipatna, Po- Nayabazar, Ps- Sahadevkhunta, Dist- Balasore, Odisha - 756001 declare that I have changed my minor son's name from Shree Murmu to Aditya Murmu. Henceforth, he shall be known as Aditya Murmu for all purposes.

Sd/-
Sunil Kumar Murmu

ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ନବରଙ୍ଗପୁର(ନିପ୍ର) : 'ଓଡ଼ିଆ ପକ୍ଷ-୨୦୨୬' ପାଳନ ଅବସରରେ ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ କରୁଥିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଜନସାଧାରଣ ରକ୍ତଦାତାଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅତି ଆନ୍ତରିକତାର ସହ ପଚାରି ବୁଝିଥିଲେ । ବିଧାୟକ ନିଜ ବକ୍ତବ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଏକ ମହତ କାର୍ଯ୍ୟ ଏବଂ ଏହାର ଆବଶ୍ୟକତା ସବୁବେଳେ ରହିଛି । ଅନ୍ୟର ଜୀବନ ବଂଚାଇବା ପାଇଁ ଏବଂ ନିଃସ୍ୱାର୍ଥପର ସମାଜସେବା ରେ ନିଜକୁ ପ୍ରସ୍ତୁତ ଓ ଚେଷ୍ଟା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଶିବିରରେ ନବରଙ୍ଗପୁର ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ମହାବିଦ୍ୟାଳୟର ଅଧକ୍ଷ ଡି. ଗୋବିନ୍ଦ ରାଓ, ପ୍ରାଧ୍ୟାପକ ପ୍ରବୀଣ ବେହେରା, ପ୍ରାଧ୍ୟାପିକା ସଙ୍ଗୀତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ଏନ୍ ଏସ ଏସ କୋର୍ଡିନେଟର ତଥା ଅଧ୍ୟାପିକା ଅନୁପମା ମାଝୀ, ପ୍ରାଧ୍ୟାପକ ଦିଲୀପ ହୋତା, ପ୍ରାଧ୍ୟାପକ ସମ୍ଭୁ ପ୍ରସାଦ ହୋତା, ପ୍ରାଧ୍ୟାପକ ରହିମ ଖୁରା, ଏନ୍ ସି ସି ଏବଂ ରେଡକ୍ରସ ଛାତ୍ର ଛାତ୍ରୀ , ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ନବରଂଗପୁର ମହାବିଦ୍ୟାଳୟ ରେ ଅନୁଷ୍ଠିତ ରକ୍ତଦାନ ଶିବିର ରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସଂସ୍କୃତି ବିଭାଗ ସହକାରୀ କର୍ମଚାରୀ ଆମ୍ର ପ୍ରକାଶ ସାହୁ ଏହି ଶିବିରର ସମନ୍ୱୟ ଏବଂ ଦସ୍ତାବିଜ୍ କାର୍ଯ୍ୟରେ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ସୂଚନା ଦିଆଯାଇଛି ଯେ, ଜିଲ୍ଲା ଚିକିତ୍ସାଳୟ ପକ୍ଷରୁ ଏହି ରକ୍ତ ସଂଗ୍ରହ ଅଭିଯାନ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ । ସେଭଳି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନୁଷ୍ଠିତ ରକ୍ତଦାନ ଶିବିର ରେ ୩୪ ୟୁନିଟ୍ ଏବଂ ରାଇଘର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

No. 25001/9/2627

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Order No. 3365 / WE // Date: -. 04.04.2026

"E" Procurement Notice for Construction of Building works for year 2026-27.
Bid Identification No – RWDKNJ –01 / 2026-27. (Building)

1. Name of the work : Construction and repair/renovation of buildings (Res & Non-Res) for the year 2026-27 under Rural Works Division, Karanjia in the District of Mayurbhanj (Details as per Annexure)
2. Estimated Cost : Rs. 16.81 to 42.78 Lakhs (Approximately)
3. Class of Contractor : 'B' and 'C' Class (of Odisha P.W.D.)
4. Period of Completion : As per Annexure
5. Tender Paper Cost : Rs. 6,000/-

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid
		From	To		
1	2	3	4	5	6
Executive Engineer, Rural Works Division, Karanjia	RWDKNJ-01/2026-27. Building	Dt. 10.04.26 at 11.00 A.M.	Dt. 17.04.26 up to 5.00 P.M.	Dt. 16.04.26 up to 1.00 P.M.	Dt. 18.04.2026 at 12.00 P.M.

Further details can be seen from the website www.tendersodisha.gov.in

OIPR. 25001/25086/1/26-27/0001

-Sd-
ExecutiveEngineer
R.W. Division, Karanjia



ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।

ଆଜିକାଲି

ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।

କୃଷି ପାଇଁ ଆଗକୁ ଆସୁଛି ଜଟିଳ ସମୟ

ଦୁଇଟି କାରଣ ପାଇଁ ଭାରତୀୟ କୃଷି ପାଇଁ ଏକ ଜଟିଳ ସମୟ ଆସୁଥିବା କୁହାଯାଇଛି । ପ୍ରଥମଟି ହେଉଛି ଦକ୍ଷିଣ ପଶ୍ଚିମ ମୌସୁମୀ ଉପରେ ଇଏଲ ନିନୋର ପ୍ରଭାବ ଏବଂ ଦ୍ୱିତୀୟ ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ । ଆସନ୍ତା ଜୁନ-ଅଗଷ୍ଟ ମାସରେ ଇଏଲ ନିନୋର ପ୍ରଭାବ ୬୦ ପ୍ରତିଶତ ରହିବା ସମ୍ଭାବନା ଥିବାବେଳେ ଅକ୍ଟୋବର ମାସ ବେଳକୁ ୮୦ ପ୍ରତିଶତକୁ ବୃଦ୍ଧି ପାଇପାରେ । ଯାହାକି ଭାରତୀୟ କୃଷି କ୍ଷେତ୍ର ପାଇଁ ଅଧିକ ଯନ୍ତ୍ରଣା ଦାୟକ ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ଥିବା ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି । ମୌସୁମୀ ଋତୁରେ ନିଅଂଟିଆ ବର୍ଷା ପାଇଁ ମୁଖ୍ୟତଃ ଇଏଲ-ନିନୋ ଭୌତିକ କାରଣ ହୋଇରହିଛି । ଦେଶରେ ଖରିଫ ଶସ୍ୟ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ଥିବା ବେଳେ ଇଏଲ-ନିନୋ ପ୍ରଭାବ ଯୋଗୁଁ ୫୦ରୁ ୬୦ପ୍ରତିଶତ ନିଅଂଟିଆ ବର୍ଷାର ସମ୍ମୁଖୀନ ହୋଇପାରେ । ମୌସୁମୀ ଭାରତୀୟ କୃଷି ଓ କୃଷକର ଜୀବନରେଖା ଥିବାବେଳେ ପ୍ରାୟ ୬୧ପ୍ରତିଶତ ଭାରତର କୃଷକ କୃଷି ପାଇଁ ମୌସୁମୀ ଉପରେ ନିର୍ଭରଶୀଳ । ଯଦି ଇଏଲ-ନିନୋ ଅଧିକ ପ୍ରଭାବୀ ହୁଏ, ତେବେ ଦେଶରେ ମୌସୁମୀ ବର୍ଷା ନିଅଂଟିଆ ହେବ । ଏହାର ସିଧାସଳଖ ପ୍ରଭାବ ଉଭୟ ଖରିଫ ଓ ରବି ଶସ୍ୟ ଉପରେ ପଡିବ । ସ୍ୱଳ୍ପ ତଥା ନିଅଂଟିଆ ବୃଷ୍ଟିପାତ ଯୋଗୁଁ ଧାନ, ଡାଲି ସମେତ ବିଭିନ୍ନ ଫସଲ ଅମଳ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି । ଯାହାର ପରିଣତି ସ୍ୱରୁପ ଚାଷ କ୍ଷେତ୍ରରୁ ଆୟ ନୈରାଶ୍ୟଜନକ ହେବା ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ଆଶଙ୍କାକୁ ଅଣଦେଖା କରାଯାଇପାରିବ ନାହିଁ । କହିବା ବାହୁଲ୍ୟ ଯେ, ଗତ କିଛି ବର୍ଷ ଧରି ଦକ୍ଷିଣ-ପଶ୍ଚିମ ମୌସୁମୀ ଇଏଲ-ନିନୋ ପ୍ରଭାବକୁ ସହ୍ୟ କରିଆସୁଛି । ଚଳିତ ବର୍ଷ ଜଳବାୟୁ ସଂକଟ ପିଚ୍ କୁ ବିଗାଡି ଦେବାର ଆଶଙ୍କା ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷାନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ବର୍ତ୍ତମାନ ସୁଦ୍ଧା କୌଣସି ପୂର୍ବାନୁମାନ କରିନଥିବା ବେଳେ ଘରୋଇ ତଥା ଆନ୍ତର୍ଜାତିକ ପାଣିପାଗ ବିଜ୍ଞାନୀମାନେ ଇଏଲ-ନିନୋର ପ୍ରଭାବ ନେଇ ଭବିଷ୍ୟବାଣୀ କରିଛନ୍ତି । ବିଜ୍ଞାନୀମାନେ ପ୍ରଶାନ୍ତ ମହାସାଗର ଜଳ ଉଷ୍ମ ହେବା କାରଣରୁ ମୌସୁମୀକୁ ପ୍ରଭାବିତ କରିବା ଅସହ୍ୟ ଗ୍ରୀଷ୍ମ ପ୍ରଭାବର କାରଣ ହୋଇଥାଏ । ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରଭାବ ଅସହ୍ୟ ତଥା ଅତ୍ୟଧିକ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିସାରିଲାଣି । ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଶେଷ ହୋଇଥିବା ଦଶନ୍ଧି ସବୁଠୁ ଉତପ୍ତ ଥିବା ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ୍ ପ୍ରଭାବ ଏବେ ପ୍ରି-ଇଣ୍ଡଷ୍ଟ୍ରୀଆଲ ସ୍ତର ତୁଳନାରେ ୫୦ପ୍ରତିଶତ ଅଧିକ ରହିଛି । ସେହିପରି ଗ୍ରାନ୍ ହାଉସ ଗ୍ୟାସ ତଥା ମାଥେନ, ନାଇଟ୍ରୋସ ଅକସାଇଡ, କାର୍ବନ ଡାଇଅକସାଇଡ୍ ପ୍ରଭାବ ବାୟୁମଣ୍ଡଳରେ ବୃଦ୍ଧି ଯୋଗୁଁ ଅସହ୍ୟ ଗ୍ରୀଷ୍ମ ପ୍ରଭାବର କାରଣ ହୋଇଥିବାବେଳେ ବର୍ଷାକୁ ପ୍ରଭାବିତ କରିଥାଏ । ଇଏଲ-ନିନୋ ଓ ଅସହ୍ୟ ଗ୍ରୀଷ୍ମ ପ୍ରଭାବ ଚଳିତ ବର୍ଷା ମୌସୁମୀ ପ୍ରଭାବିତ କରିବା ସମ୍ଭାବନା ଅଧିକ ରହିଛି । ନିଅଂଟିଆ ବର୍ଷା ଯୋଗୁଁ କୃଷି କ୍ଷେତ୍ର ପାଇଁ ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବା କୁହାଯାଇଛି । ଦ୍ୱିତୀୟଟି ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସାର(ଫର୍ଟିଲାଇଜର) ଏବଂ ପ୍ରାକୃତିକ ଗ୍ୟାସ ଯୋଗାଣ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । କେବଳ ଏତିକି ନୁହେଁ, ଯୁଦ୍ଧ ସାର ଆମଦାନୀ ଉପରେ କଳା ବାଦଲ ଢାଙ୍କି ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ । ସାର ପାଇଁ ଭାରତ ବିଦେଶୀ ରାଷ୍ଟ୍ରଉପରେ ନିର୍ଭର କରିଆସୁଥିବା ବେଳେ ହିର୍ମୁଜା ପ୍ରଣାଳୀ ଅବରୋଧ ଯୋଗୁଁ ସାର ଓ ପ୍ରାକୃତିକ ଗ୍ୟାସ ପରିବହନ ଅନିଶ୍ଚିତ ହୋଇପଡିଛି । ଇତିମଧ୍ୟରେ ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଏକମାସ ଅତିକ୍ରମ କରିଥିବାବେଳେ କେବେ ବନ୍ଦ ହେବ, ତାହା କହିବା ସୁସ୍କିଲ । ଗୋଟିଏ ପଟେ ଶାନ୍ତି ଆଲେଚନାକୁ ଇରାନ ପ୍ରତ୍ୟାଖ୍ୟାନ କରିଥିବା ସମୟରେ ଆକ୍ରମଣକୁ ଯୋରଦାର କରିବାପାଇଁ ଆମେରିକା ଘୋଷଣା କରିଛି । ତେଣୁ ଯୁଦ୍ଧ କେବେ ଥମିବ, ତାହା ଭବିଷ୍ୟତ କହିବ । ଆହୁରି ମଧ୍ୟ ଯୁଦ୍ଧ ଶେଷ ହେବା ପରେ ବି ପ୍ରାକୃତିକ ଗ୍ୟାସ ଯୋଗାଣ ଓ ପରିବହନ ସ୍ୱାଭାବିକ ହୋଇନପାରେ । ପଶ୍ଚିମ ଏସୀୟ ଅଂଚଳରେ ଯୁଦ୍ଧରେ ପ୍ରାକୃତିକ ଗ୍ୟାସ ଭିତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଉତ୍ପାଦନ ଓ ପରିବହନ ସ୍ୱାଭିବକ ହେବା ଲାଗି ଆଉ କିଛି ବର୍ଷ ଲାଗିପାରେ ।

ଅଖ୍ରୋଟ୍

ସପ୍ତାହରେ ଦିନକୁ ୨/୩ଥର ଅଖ୍ରୋଟ୍ ଖାଇବା ଦ୍ୱାରା ଟାଇପ୍-୨ ଡାଇବେଟିସ୍ ଆଶଙ୍କା ହ୍ରାସ ପାଏ ବୋଲି ସୂଚନା ମିଳିଛି । ପୂର୍ବରୁ ଏହାକୁ ମେହବହୁଳତା ହ୍ରାସ ପାଇଁ ବ୍ୟବହାର କରା ଯାଉଥିଲା । ଏହାକୁ ଖାଇବା ଦ୍ୱାରା ଶରୀରରୁ ଚର୍ବି ଅଂଶ ନଷ୍ଟହୁଏ । ହେଲେ ନିକଟରେ ବୋଷ୍ଟନର 'ହାବାର୍ଡ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ' ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାନେ ଏହାର ଅନ୍ୟ ଏକ ଉପାଦେୟତା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ସେମାନେ ୧୪୦, ୦୦୦ଜଣ ପୁରୁଷ ଏବଂ ମହିଳାଙ୍କୁ ନେଇ ଏହି ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରେ ଅନେକ ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଥିଲେ ଏବଂ ଅନ୍ୟ କେତେଜଣ ସୁସ୍ଥ ଥିଲେ । ଅଧ୍ୟୟନ ଆରମ୍ଭରୁ ସେମାନଙ୍କୁ ପ୍ରତିଦିନ ପ୍ରାୟ ୨୮ ଗ୍ରାମର ଅଖ୍ରୋଟ୍ ଖାଇବାକୁ ଦିଆଗଲା । ଏପରି କିଛିଦିନ ଚାଲୁ ରଖିବା ପରେ ଶେଷରେ ଦେଖାଗଲା ଯେଉଁମାନେ ଡାଇବେଟିସ୍‌ରେ ପୀଡ଼ିତ ଥିଲେ, ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଧିକ ବ୍ୟକ୍ତିଙ୍କଠାରେ ଏହା କମ୍ ପରିଲକ୍ଷିତ ହେଲା । ଏହି ତଥ୍ୟ ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ୍‌ରେ ପ୍ରକାଶିତ ହୋଇଥିଲା ।

ସଠିକ୍ ନେତା ଚୟନ ଗଣତାନ୍ତ୍ରିକ ଆବଶ୍ୟକତା

◆ ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ(ଅବସରପ୍ରାପ୍ତ)

ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ । ଗଣତନ୍ତ୍ରର ସଫଳତା ଉପଯୁକ୍ତ ଓ ପାରଦର୍ଶୀ ଲୋକପ୍ରତିନିଧି ଚୟନ ଉପରେ ନିର୍ଭର କରେ । ନାଗରିକମାନେ ଯେଉଁପ୍ରକାର ପ୍ରାର୍ଥୀ ଚୟନ କରିବେ ଦେଶ ଓ ପ୍ରଦେଶ ସେହି ଢଙ୍ଗରେ ପରିଚାଳିତ ହେବ । ତେଣୁ ଲୋକପ୍ରତିନିଧି ଚୟନ କ୍ଷେତ୍ରରେ ନାଗରିକମାନଙ୍କ ବିଚକ୍ଷଣତା ଓ ସତର୍କତା ଅତ୍ୟନ୍ତ ଜରୁରୀ । ବହୁ ପୁରାତନ କଥନ ରହିଛି ଯେ ରାଜା ଗୁଣେ ପ୍ରଜା, ଅର୍ଥାତ ରାଜା ଯେଉଁପରି ହେବେ ପ୍ରଜା ସେହିପରି ହେବେ । ପୂର୍ବେ ରାଜାର ପୁଅ ରାଜା ହେଉଥିଲେ । କିନ୍ତୁ ଗଣତନ୍ତ୍ରରେ ରାଜାର ଚୟନ ପ୍ରଜାମାନେ କରନ୍ତି । ଏଥିରେ ଲୋକପ୍ରତିନିଧିମାନେ ରାଜା । ତେଣୁ ଗଣତନ୍ତ୍ରରେ ପ୍ରଜା ଗୁଣେ ରାଜା ହୁଅନ୍ତି । ଅର୍ଥାତ ପ୍ରଜାମାନେ ଯେଉଁପ୍ରକାର ଲୋକପ୍ରତିନିଧି ପଠାଇବେ ଦେଶରେ ସେହିପ୍ରକାର ଶାସନ ବ୍ୟବସ୍ଥା କାଏମ ହେବ । ଲୋକପ୍ରତିନିଧିମାନେ ଅଶିକ୍ଷିତ ହେଲେ, ମୂର୍ଖଙ୍କ ଶାସନ ଚାଲିବ । ଲୋକପ୍ରତିନିଧିମାନେ ମଦୁଆ ହେଲେ ଦେଶରେ ମଦର ବନ୍ୟା ଛୁଟିବ । ଲୋକପ୍ରତିନିଧିମାନେ ଭ୍ରଷ୍ଟାଚାରୀ ହେଲେ ଦେଶରେ ଭ୍ରଷ୍ଟାଚାର ବଢ଼ିବ । ଲୋକପ୍ରତିନିଧିମାନେ ଅନ୍ଧବିଶ୍ୱାସୀ ଓ କୁସଂସ୍କାରୀ ହେଲେ ଦେଶରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରସାର ଲାଭ କରିବ । ଲୋକପ୍ରତିନିଧି ମାନେ ଧର୍ମାନ୍ଧ ଓ ଜାତିବାଦୀ ହେଲେ, ଦେଶରେ ଧର୍ମାନ୍ଧତା ଓ ଜାତିବାଦ ବଢ଼ିବ । ଲୋକପ୍ରତିନିଧି ମାନେ ଅବିବେକୀ ଓ ନୀତିହୀନ ହେଲେ, ଦେଶରେ ଅନୈତିକତା ପ୍ରସାରିତ ହେବ । ଅନ୍ୟ ପକ୍ଷରେ ଲୋକପ୍ରତିନିଧି ମାନେ ଯଦି ଶିକ୍ଷିତ ଓ ବିଜ୍ଞ ହେବେ, ସେମାନେ ଯଦି ସ୍ୱଚ୍ଛୋଟ ଓ ନିର୍ମଳ ଭାବମୂର୍ତ୍ତୀର ହେବେ, ସେମାନେ ଯଦି ପ୍ରଗତିବାଦୀ ଓ ନୈତିକତା ସମ୍ପନ୍ନ ହେବେ, ତେବେ ଦେଶରେ ସୁଶାସନ ଆସିବ । ଦେଶରେ ସ୍ୱଚ୍ଛ ଶାସନ ଓ ପାରଦର୍ଶୀ ପ୍ରଶାସନ ପ୍ରତିଷ୍ଠା ହୋଇପାରିବ । ସମସ୍ତଙ୍କୁ ନ୍ୟାୟ ପ୍ରଦାନ ସହିତ ସମାଜରେ ସମାନତା ସ୍ଥାପନ କରାଯାଇ ପାରିବ । ତେଣୁ ଉପଯୁକ୍ତ ଲୋକପ୍ରତିନିଧି ବାଛିବା ଗଣତନ୍ତ୍ରର ଅପରିହାର୍ଯ୍ୟ ସୋପାନ । ଏଥିରେ ବ୍ୟତିକ୍ରମ ଗଣତନ୍ତ୍ର ପ୍ରତି ବିପଦ । ନିର୍ବାଚନରେ ପ୍ରାର୍ଥୀଙ୍କ ଅପେକ୍ଷା ଭୋଟଦାତାଙ୍କ ଦାୟିତ୍ୱ ଅଧିକ । ଏହି ସମୟରେ ବିଭିନ୍ନ ପ୍ରକାର ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ । ଏମାନଙ୍କ ମଧ୍ୟରୁ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବା ଦାୟିତ୍ୱ ଭୋଟଦାତାଙ୍କ । କେତେକେ ରାଜନୀତିକୁ ବେପାର ଭାବି ପ୍ରତିଦ୍ୱନ୍ଦିତା କରିବେ । ଯେତିକି ଟଙ୍କା ଖଟାଇବେ ତାର ବହୁଗୁଣ ଲୁଟିବା ଚକ୍କରରେ ଥାଆନ୍ତି । କିଛି ଗୁଣ୍ଡା, କଳାବଜାରୀ, ମୂର୍ଖ ମଧ୍ୟ ନିର୍ବାଚନ ମଇଦାନକୁ ଆସିବେ । ଏମାନଙ୍କ ଭିତରୁ ଯୋଗ୍ୟ ପ୍ରାର୍ଥୀଟିକୁ ବାଛିବା ଦାୟିତ୍ୱ ଭୋଟଦାତାଙ୍କ । ଜଣେ ପ୍ରାର୍ଥୀର ଯୋଗ୍ୟତା ଅଧିକ ବେନର ମାରିବା, ଅଧିକ ଗାଡ଼ି ଦୌଡ଼ାଇବା, ଲୋକମାନଙ୍କୁ ବହି ଆଣି ସଭା ସମିତି କାରିବାରେ ନଥାଏ । ଭୋଟରମାନେ ଏପରି ଭେଳିକିରେ ଭୁଲିବା ଅନୁଚିତ । ଜଣେ ଯୋଗ୍ୟ ପ୍ରାର୍ଥୀର ପରିଚୟ ତାର ବ୍ୟକ୍ତିତ୍ୱରେ ନିହିତ ଥାଏ । ତାର ଅତୀତର ଇତିହାସରେ ଓ ବର୍ତ୍ତମାନର କାର୍ଯ୍ୟକଳାପରେ ଥାଏ । ଯେଉଁମାନେ ଟଙ୍କାନେଇ ଅଥବା ଉପହାର ନେଇ ଭୋଟ ଦିଅନ୍ତି, ସେମାନେ ଜାଣିରଖିବା ଉଚିତ୍ ଯେ ତାଙ୍କୁ ଯେଉଁ ଅର୍ଥ ବା ଉପହାର ଦିଆ ହେଉଛି ତାହା ତାଙ୍କରି ଟଙ୍କା ଅଥବା ତାଙ୍କଠାରୁ ବହୁଗୁଣରେ ଆଦାୟ କରାଯିବାର ଆଗୁଆ ଦେୟ । ପ୍ରାର୍ଥୀ ଜଣକ କ୍ଷମତାରେ ଥିଲେ ସେ ସାଧାରଣ ଜନତାଙ୍କ ଟଙ୍କାକୁ ଆତ୍ମସାତ କରିଛି ଅଥବା ଯେତିକି ଟଙ୍କା ଖଟାଇଛି, ତାର ବହୁଗୁଣିତ ଟଙ୍କା ଆତ୍ମସାତ କରିବାର ଅଭିପ୍ରାୟ ରଖିଛି । ଯେଉଁ ଦଳୀୟ ଟଙ୍କା ଆସୁଛି ତାହା ମଧ୍ୟ କୋଉ ପୁଞ୍ଜିପତିର ଉଦ୍ଦେଶ୍ୟମୂଳକ ଦାନ । ଯେଉଁ ପ୍ରାର୍ଥୀ ନିର୍ବାଚନ ସମୟରେ ଭୋଜିଭାତ ଦେଉଛନ୍ତି ସେ ଭୋଟରମାନଙ୍କ ଭବିଷ୍ୟତକୁ ମାରି ଖାଇବାକୁ ଦେଉଛନ୍ତି । ଯେଉଁ ଟଙ୍କାରେ ଭୋଜିଭାତ ଦିଆ ହୁଏ, ତାହା ପରୋକ୍ଷଭାବେ ଭୋଟରଙ୍କଠାରୁ ଅସୁଲ ହୋଇଥିବା ଟଙ୍କା । ଯେଉଁ ପ୍ରାର୍ଥୀମାନେ ମନ୍ଦ ଉଦ୍ଦେଶ୍ୟ ରଖି ନିର୍ବାଚନକୁ ଆସନ୍ତି ସେମାନେ ମଦମାଂସ, ଟଙ୍କା-ଉପହାର ଇତ୍ୟାଦି ପ୍ରଦାନ କରନ୍ତି । ଜଣେ ସ୍ୱଚ୍ଛୋଟ, ବିଜ୍ଞ ଓ ରାଷ୍ଟ୍ରବାଦୀ ପ୍ରାର୍ଥୀ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଇଚ୍ଛା କରିବ ନାହିଁ । ଏପରି ବ୍ୟକ୍ତିଙ୍କୁ ବାଛିବା ଭୋଟରଙ୍କ ଦାୟିତ୍ୱ । ଲୋକପ୍ରତିନିଧି ବାଛିବା ସମୟରେ ଭୋଟରମାନେ ପ୍ରାର୍ଥୀଙ୍କ ସମ୍ବନ୍ଧରେ କେତୋଟି ବିଷୟ ଜାଣିବା ଜରୁରୀ । ପ୍ରଥମରେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ଧାନ ଦେବା ଆବଶ୍ୟକ । ପ୍ରାର୍ଥୀ ଜଣକ କେତେ ପାଠ ପଢ଼ିଛନ୍ତି ଏ ବିଷୟରେ ଅବଗତ ହେବା ଜରୁରୀ । ଜଣକର ଶିକ୍ଷାଗତ ଯୋଗ୍ୟତାରୁ ପ୍ରାର୍ଥୀଙ୍କର ଜ୍ଞାନର ପରିସୀମାକୁ ମପାଯାଇ ପାରେ । ଜଣେ ଜ୍ଞାନୀ ବ୍ୟକ୍ତି ସଠିକ ନେତୃତ୍ୱ ପ୍ରଦାନ କରିପାରେ । ଯଦିଓ ପ୍ରାର୍ଥୀ ହେବା ପାଇଁ ଶିକ୍ଷାକୁ ନେଇ ସେପରି କିଛି ସାମ୍ବିଧାନିକ ବାରଣ ନାହିଁ, ତଥାପି ଯୋଗ୍ୟ ପ୍ରାର୍ଥୀ ଚୟନରେ ଏହା ଏକ ମାନକ । ଶିକ୍ଷାପ୍ରାପ୍ତି ପରେ ପ୍ରାର୍ଥୀ ଜଣକ କେଉଁ ପଦ ପଦବୀରେ ଥିଲେ ଓ ସେହି ସମୟରେ ନିଜ ଦାୟିତ୍ୱକୁ ଠିକଭାବେ ସମ୍ପାଦନ କରିଛନ୍ତି କି ନାହିଁ ତାହାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ । ପ୍ରାର୍ଥୀ ଜଣକ ନିଜ ଶିକ୍ଷା ଓ ଅଧିଷ୍ଠିତ ହୋଇଥିବା ପଦବୀ ସମ୍ବନ୍ଧରେ ଭୁଲ ତଥ୍ୟ ଦେଉନାହାଁନ୍ତି ତ, ଏ ବିଷୟରେ ତର୍ଜମା ଜରୁରୀ । କାରଣ ଏପରି ଦେଖାଯାଏ ଯେ ଜଣେ ମାଟ୍ରିକ୍ ପାଶ୍ ବ୍ୟକ୍ତି ନିଜକୁ ଶିକ୍ଷାବିତ୍, ଜଣେ ମେକାନିକ ନିଜକୁ ଅଧିକାରୀ ଓ ଜଣେ ବଟି ଆଦାୟ କରିବା ବାଲା ନିଜକୁ ସମାଜସେବୀ କହିବାର ଶୁଣାଯାଏ । ଦ୍ୱିତୀୟରେ ଜଣେ ପ୍ରାର୍ଥୀ ସାମ୍ବିଧାନିକ ନିତୀନିୟମ ବିଷୟରେ କେତେ ଅବଗତ ଅଛନ୍ତି ସେ ବିଷୟରେ ଅବଗତ ହେବାକୁ ହେବ । ଲୋକପ୍ରତିନିଧି ମାନଙ୍କ କାମ ନିୟମ ତିଆରି କରିବା ଓ ସାମ୍ବିଧାନିକ ନୀତି ନିୟମ ଭିତରେ ନିଜ ଲୋକମାନଙ୍କ ଅଭାବ ଓ ଅସୁବିଧାକୁ ଦୂର କରିବା । ଯେଉଁ ପ୍ରାର୍ଥୀ ସାମ୍ବିଧାନକୁ ଦେଖି ନାହିଁ, ପଢି ନାହିଁ କିମ୍ବା ସାମ୍ବିଧାନିକ ନିତି ନିୟମ ବିଷୟରେ ଅବଗତ ନୁହେଁ, ତାଙ୍କଠାରୁ ଅଧିକ କିଛି ଆଶା କରାଯାଇ ପାରିବ ନାହିଁ । ଏମାନେ ସଂସଦରେ କିମ୍ବା ବିଧାନସଭାରେ କେବଳ ହାତ ଟେକିବାର କାମ କରିବେ । ତେଣୁ ଭୋଟରମାନେ ଏପରି ପ୍ରାର୍ଥୀ ବାଛିବା ଆବଶ୍ୟକ ଯିଏ ତାଙ୍କ ସମ୍ମାନ ରଖିବ ଓ ସାକାରାତ୍ମକ ବିତର୍କରେ ସକ୍ଷମ ହୋଇଥିବ । ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଯେଉଁପରି ସମ୍ପୃକ୍ତ ଭୋଟଦାତାମାନେ ଗର୍ବ ଅନୁଭବ କରିବେ । ସେ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଅଙ୍ଗୀକାରବଦ୍ଧ ଥିବ । ତୃତୀୟରେ ପ୍ରାର୍ଥୀ ଜଣକ ନିର୍ମଳ ଭାବମୂର୍ତ୍ତିର ହୋଇଥିବ । ସେ ଦୁର୍ନୀତି ପରାୟଣ ହୋଇନଥିବ । ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରୁଥିବ । ତାର ଅତୀତ ଜୀବନରେ ଏପରି କୌଣସି ଦାଗ ନଥିବ । ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ଲଢ଼ି କେସ୍ ନେବା ଏବଂ ଗୁଣ୍ଡାଗର୍ଦ୍ଦି ଓ ଚାନ୍ଦା ଆଦାୟ ପାଇଁ କେସ୍ ନେବା ଭିତରେ ପାର୍ଥକ୍ୟ ଅଛି । ଅନେକ ପ୍ରାର୍ଥୀଙ୍କ ବିରୁଦ୍ଧରେ ଏପରି କେସ୍ ଥିବ । ଜାଲିଆତି ଅଭିଯୋଗ ବି ଥିବ । ଯେଉଁ ପ୍ରାର୍ଥୀ ମୂଳରୁ ଏହି ସ୍ୱଭାବର ତାଙ୍କଠାରୁ କିଛି ଭଲ ଆଶା କରିବା ଅନୁଚିତ । ଆଜି ଦେଶରେ ଏହିପରି ଲୋକପ୍ରତିନିଧିଙ୍କ ପାଇଁ ଭ୍ରଷ୍ଟାଚାର ବଢିଛି । ଭ୍ରଷ୍ଟାଚାରର ଶୀକାର ସାଧାରଣ ଜନତା ହୁଅନ୍ତି । ଏଥିପାଇଁ ତାଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ବିକାଶ ବାଧାପ୍ରାପ୍ତ ହୁଏ । ଫଳରେ ସାଧାରଣ ଜନତାଙ୍କ କ୍ଷତି ହୁଏ । ତେଣୁ ସତର୍କତାର ସହିତ ସ୍ୱଚ୍ଛୋଟ ପ୍ରାର୍ଥୀଙ୍କୁ ଚୟନ କରିବାକୁ ପଡ଼ିବ । ଚତୁର୍ଥରେ ପ୍ରାର୍ଥୀ ଚୟନ କ୍ଷେତ୍ରରେ ତାଙ୍କର ଅତୀତର ସଂଗ୍ରାମର ଇତିହାସକୁ ଅନୁଧ୍ୟାନ କରିବାକୁ ପଡ଼ିବ । ବହୁ ଜାତି, ବହୁ ଧର୍ମ, ବହୁ ସମ୍ପ୍ରଦାୟ ସମ୍ବଳିତ ଦେଶରେ ଜଣେ ପ୍ରାର୍ଥୀଙ୍କ ସାମାଜିକ ଆଭିମୁଖ୍ୟ କଣ ତାହା ବିଚାରକୁ ନେବାକୁ ହେବ । ସାମାଜିକ ବିକାଶ ପାଇଁ ସେ କେତେ କାର୍ଯ୍ୟ କରିଛନ୍ତି ଓ ଏ ଦିଗରେ ତାଙ୍କ ଅବଦାନ କଣ ରହିଛି ତାହା ନିଶ୍ଚିତ ଭାବେ ବିଶ୍ଳେଷଣ ହେବା ଉଚିତ୍ । ଏହା ଗୋଟିଏ ପ୍ରଗତିଶୀଳ ସମାଜ ଗଠନ ପାଇଁ ତାଙ୍କ ଅବଦାନ ଓ ପ୍ରଚେଷ୍ଟା କଣ ତାହାର ଅନୁଧ୍ୟାନ ଜରୁରୀ । ଯେଉଁ ପ୍ରାର୍ଥୀ ଜିତିଲେ ଯାହା କରିବାର ପ୍ରତିଶ୍ରୁତି ଦେଉଛନ୍ତି, ସେ ଏ ଦିଗରେ ପୂର୍ବରୁ ସାମାଜିକ କର୍ମୀଭାବେ ନିଶ୍ଚୟ କିଛି କାମ କରିଥିବେ, ଯାହାର ଅନୁଶୀଳନ ଜରୁରୀ । ଯେଉଁ ପ୍ରାର୍ଥୀମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟଦାତା ମାନଙ୍କୁ ପ୍ରଲୋଭିତ କରନ୍ତି ତାଙ୍କ ପ୍ରତି ମଧ୍ୟ ସତର୍କ ରହିବା ଉଚିତ୍ । ନିର୍ବାଚନ ପରେ ଏପରି ନେତା ସବୁ ଭୂଲି ଯାଆନ୍ତି । ଗଣତନ୍ତ୍ରରେ ଭୋଟଦାତାଙ୍କ ଗୁରୁ ଦାୟିତ୍ୱ ରହିଛି । ଉପଯୁକ୍ତ ଓ ଉତ୍କୃଷ୍ଟ ଲୋକପ୍ରତିନିଧି ଚୟନ ଏତେ ସହଜସାଧ୍ୟ ବ୍ୟାପାର ନୁହେଁ । ଏଥିପାଇଁ ପ୍ରତ୍ୟେକ ଭୋଟଦାତାଙ୍କୁ ନିଜ ପାରଦର୍ଶୀତାର ପ୍ରଦର୍ଶନ କରିବାକୁ ହେବ । ଚାକଚକ୍ୟ ପ୍ରଚାର, ପ୍ରଲୋଭନ ଓ ଅନ୍ଧାନୁସରଣର ଉର୍ଦ୍ଧ୍ୱରେ, କୌଣସି ଚାପର ବଶବର୍ତ୍ତୀ ନହୋଇ, ନିଜ ବିବେକର ଡ଼ାକରାରେ ଜଣେ ସଠିକ ଲୋକପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟଦାତାଙ୍କ ନୈତିକ କର୍ତ୍ତବ୍ୟ । ଏହାହିଁ ଗଣତାନ୍ତ୍ରର ମୌଳିକ ନିୟମ ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮

ଲାଲ କରିଡ଼ର ମୂଳପୋଛ !

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ଲାଲ କରିଡର ସଂକୁଚିତ ହୋଇଯାଇଛି । ଏହା ମଧ୍ୟ କୁହାଯାଇପାରି ଯେ, ଦେଶରେ ନକସଲବାଦ ବା ଲାଲକରିଡରର ପ୍ରାୟ ମୂଳୋତ୍ପାଟନ ଘଟିଛି । ଗଲା ଶତାବ୍ଦୀ ଶେଷ ସୁଦ୍ଧା ଦେଶର ୨୦୦ଟି ଜିଲ୍ଲାରେ ନକସଲ ଅଧୁଷିତ ଭାବେ ଜଣାଶୁଣା ଥିଲାବେଳେ ଗତ ଦୁଇ ଦଶନ୍ଧି ପରେ ଏବେ ମାତ୍ର ଦୁଇଟି ଜିଲ୍ଲାରେ ସୀମିତ ରହିଛି । ଦେଶରେ ନକସଲବାଦକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହ ଦେଶର ଆଭ୍ୟନ୍ତରୀଣ ନିରାପତା ପ୍ରତି ସବୁଠାରୁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ବର୍ଣ୍ଣନା କରିଥିଲେ । ତେବେ ୨୦୨୬ ମାର୍ଚ୍ଚ ୩୧ସୁଦ୍ଧା ଦେଶରୁ ନକସଲଙ୍କ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାରଙ୍କ ସଂକଳ୍ପ, ଶେଷରେ ସତ୍ୟରେ ପରିଣତ ହୋଇଛି ବୋଲି କୁହାଯାଇ ପାରିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୬ ମାର୍ଚ୍ଚ ୩୧ସୁଦ୍ଧା ଦେଶରୁ ନକସଲଙ୍କ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସଂକଳ୍ପ ଘୋଷଣା କରିଥିଲେ । କିନ୍ତୁ କଂଟ ପୁରିବାର ଦିନକ ପୂର୍ବରୁ ଅର୍ଥାତ ଗଲା ୩୦ ତାରିଖ ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲୋକସଭାରେ ବିବୃତି ଦେଇ କହିଥିଲେ ଯେ, ଦେଶରୁ ନକସଲବାଦର ମୂଳପୋଛ ଘଟିଛି । ଗଲା ୩ବର୍ଷ ଧରି ଅର୍ଦ୍ଧସାମରିକ ବାହିନୀ ଯବାନଙ୍କ ଲଗାତାର ଅପରେସନ ଯୋଗୁଁ ୪୮୩୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ୨୨୧୮ ଜଣଙ୍କୁ ଗିରଫ ହୋଇଛନ୍ତି ଏବଂ ୭୦୬ଜଣ ନିହତ ହୋଇଛନ୍ତି । ଦେଶରେ ଆଦିବାସି ବହୁଳ ଦୁର୍ଗମ ଅଂଚଳରେ ୭୦ଦଶକରୁ ପ୍ରାୟ ୨୦୦ ଜିଲ୍ଲାରେ ନକସଲ ସକ୍ରୀୟ ଥିବା ଏବେ ସେମାନଙ୍କ ଆଡ୍ଡା ମାତ୍ର ୨ଟି ଜିଲ୍ଲାକୁ ଖସିଆସିଛି । କିନ୍ତୁ ଏହା ନିସନ୍ଦେହ ଯେ, ଏହି ସଫଳତା କେବଳ ଉନ୍ନତମାନର ନିରାପତା ରଣକୌଶଳ ଏବଂ ରାଜ୍ୟ ସରକାରମାନଙ୍କ ପ୍ରୋତ୍ସାହନ ଯୋଗୁଁ ସମ୍ଭବ ହୋଇଛି । ମାଓ ମୂଳୋତ୍ପାଟନ ପାଇଁ ନିରାପତାରକ୍ଷୀ ବାହିନୀ କେବଳ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିନଥିଲେ, ଉନ୍ନତମାନର ବୈଷୟିକ କୌଶଳ ତଥା ନକସଲଙ୍କ ଆଡ୍ଡା, ଗତିବିଧି ନିରୀକ୍ଷଣ ପାଇଁ ଡ୍ରୋନ ବ୍ୟବହାର କରାଯାଇଥିଲା । କେବଳ ଏତକି ନୁହେଁ, କେନ୍ଦ୍ରୀୟ ଥଇଥାନ ପ୍ୟାକେଜ, ଆର୍ଥୀକ ସହାୟତା, ସାମାଜିକ ପୁର୍ନମିଳନ ଏବଂ ଭୋକେସନାଲ ତାଲିମ ଆତ୍ମ ସମର୍ପଣ ପାଇଁ ନକସଲଙ୍କୁ ପ୍ରୋତ୍ସାହିତ କରିଥିଲା । କହିବା ବାହୁଲ୍ୟ ଯେ, ଏଡି ସଫଳତା ପାଇଁ ଗୋଟିଏ ପଟେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ନିଜକୁ ଦୃଢ ଦାବିଦାର ଭାବେ ଉପସ୍ଥାପିତ କରୁଥିବାବେଳେ ଅନ୍ୟପଟେ ଅତୀତର ସରକାରମାନଙ୍କର ଦୃଢ ଇଚ୍ଛାଶକ୍ତି ଅଭାବ ରହିଥିବା କହିଛି । ତେବେ ସେ ଯାହା ହେଉନା କାହିଁକି ହିଂସା, ରକ୍ତପାତ ଦ୍ୱାରା କୌଣସି ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ ବୋଲି ନକସଲ ସଂଗଠନ ହୃଦୟଙ୍ଗମ କରିଥିବା କୁହାଯାଇ ପାରେ । ଉଲ୍ଲେଖଯୋଗ୍ୟ ଯେ, ସତୁରି ଦଶକରେ ପଶ୍ଚିମବଙ୍ଗରେ ଏକ ଆଦର୍ଶ ନେଇ ଆତ୍ମପ୍ରକାଶ କରିଥିବା ନକସଲବାଦର ପ୍ରଭାବ ଓଡିଶା, ବିହାର, ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରର ଆଦିବାସୀ ବହୁଳ ଅଂଚଳ, ଜଙ୍ଗଲ ଏବଂ ଖଣିଜ ସମ୍ପଦ ଅଂଚଳର ପ୍ରାୟ ୨୦୦ଜିଲ୍ଲାରେ ପ୍ରଭାବ ବିସ୍ତାର କରିବା ପାଇଁ ଶିଖର ଛୁଇଁଥିଲା । ଲକ୍ଷ୍ୟ, ଆଦର୍ଶ ପୁରଣ ପାଇଁ ସେମାନେ ହିଂସା, ରକ୍ତପାତର ଆଶ୍ରୟ ନେଇଥିଲେ, ଯାହାକି ଗଲା ୬ ଦଶନ୍ଧି ଧରି ଉଭୟ ସରକାର ସୁରକ୍ଷା ବଳୟ ଏବଂ ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଥିଲା । ଆମ ରାଜ୍ୟରେ ୨୦୧୨ ମସିହା ବେଳକୁ ୩୦ଟି ଜିଲ୍ଲା ମଧ୍ୟରୁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା, ଲଗାତାର ନକସଲ ବିରୋଧି ଲଢେଇ ଏବଂ ଆତ୍ମସମର୍ପଣ ପାଇଁ ବ୍ୟାପକ ପ୍ରୋତ୍ସାହନ ଆର୍ଥୀକ ସହାୟତା ଯୋଗୁଁ ୨୦୨୫ ବେଳକୁ ୯ଟି ଜିଲ୍ଲାକୁ ଖସି ଆସିଥିଲା । ଏବେ କନ୍ଧମାଳରେ ୮ରୁ ୯ ଜଣ ମାଓବାଦୀ ସକ୍ରୀୟ ଥିବା କୁହାଯାଏ । ସେମାନଙ୍କୁ ଖୋଜିଖୋଜି ହତ୍ୟା କିମ୍ବା ଧରିବା ଲାଗି ସୁରକ୍ଷା ବଳୟ ସଂକଳ୍ପବଦ୍ଧ ଥିବା ମନେହୁଏ । ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ନକସଲବାଦ ଲଢେଇରେ ୨୩୯ ଜଣ ସୁରକ୍ଷାକର୍ମୀ ପ୍ରାଣ ହରାଇଥିବା ବେଳେ ୩୫୯ ଜଣ ସାଧାରଣ ଲୋକ ହତ୍ୟାର ଶିକାର ହୋଇଥିବା ଜଣାଯାଏ । ୨୦୨୫ରୁ ବର୍ତ୍ତମାନ ସୁଦ୍ଧା ଦୁଇ କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସହ ୨୭ ମାଓବାଦୀ ନିହତ ହୋଇଥିବା ବେଳେ ୪ରାଜ୍ୟ କମିଟି ସଦସ୍ୟଙ୍କ ସହ ୨୦୦ରୁ ଉର୍ଦ୍ଧ୍ୱ ସକ୍ରୀୟ ନକସଲ ଆତ୍ମ ସମର୍ପଣ କରିଥିବା କୁହାଯାଏ । କନ୍ଧମାଳ ଜିଲ୍ଲାରେ ୮ ରୁ ୯ଜଣ ମାଓବାଦୀଙ୍କୁ ଛାଡିଦେଲେ ଏବେ ଦେଶର ଦୁଇଟି ଜିଲ୍ଲାରେ ସେମାନେ ଅଛନ୍ତି । କିନ୍ତୁ ଏହା ନିସନ୍ଦେହ ଯେ, ସୁରକ୍ଷାବଳୟର କାର୍ଯ୍ୟାନୁଷ୍ଠାନରେ ସେମାନଙ୍କର ମନୋବଳ ନିଶ୍ଚିତ ଭାବେ ଦୋହଲି ଯାଇଥିବ । ପରିସ୍ଥିତି ପ୍ରତି ସୁରକ୍ଷା ବଳୟ କଡା ନଜର ରଖିବା ଜରୁରୀ, ଅନ୍ୟପକ୍ଷରେ ନକସଲ ପ୍ରଭାବିତ ଆଦିବାସୀ ବହୁଳ ଅଂଚଳ, ଖଣି ଅଂଚଳ ଏବଂ ଖଣିଜ ସମ୍ପଦ ଭରା ଅଂଚଳ ଏବଂ ବାସିନ୍ଦାଙ୍କ ବିକାଶକୁ ସରକାର ତ୍ୱରାନ୍ୱିତ କରିବା ଜରୁରୀ । ଅତୀତରେ ସେମାନଙ୍କ ପ୍ରତି ଅବହେଳାରୁ ମାଓବାଦୀ ଜନ୍ମ ନେଇଥିଲା । ସରକାର ସେ ଭୁଲ ବ ତୃଟିର ପୁନରାବୃତି ଯେପରି ନହୁଏ, ଧାନ ଦେବା ଆବଶ୍ୟକ । ଜନହିତକର ଯୋଜନା, ସମାନ ଅଧିକାର ଏବଂ ଦୀର୍ଘକାଳୀନ ବିକାଶମୂଳକ ଯୋଜନା ଦ୍ୱାରା ମାଓବାଦକୁ ହଟାଇବାକୁ ହେବ । ଅନ୍ୟଥା ପାଉଁଶ ଗଦାର ନିଆଁ ଭୟଙ୍କର ହେବା ଭଳି ନକସଲବାଦ ପୁଣି ମୁଣ୍ଡ ଟେକିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼,-୭୫୧୦୦୨- ମୋ-୯୪୩୭୯୯୪୩୭୯

ଅଂଶୁଘାତର ଚିକିତ୍ସା

ଗ୍ରୀଷ୍ମଋତୁରେ ପାରିପାର୍ଶ୍ୱିକ ବାତାବରଣରେ ଅତ୍ୟଧିକ ଉତାପ ବୃଦ୍ଧି ହେବା ଦ୍ୱାରା ଏହି ରୋଗ ହୋଇଥାଏ । ସାଧାରଣତଃ ଦେହରୁ ଝାଳ ବାହାରିବା ଦ୍ୱାରା ଶରୀରର ଉତାପ ହ୍ରାସ ହୋଇଥାଏ । କୌଣସି କାରଣରୁ ଯଦି ଶରୀରରୁ ଝାଳ ବାହାରିବା ବନ୍ଦ ହୋଇଯାଏ, ତେବେ ଶରୀରର ତାପମାତ୍ରା ହଠାତ୍ ବୃଦ୍ଧି ହୋଇ ୧୦୬ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ହୋଇଯାଏ । ଏହା ବାୟୁମଣ୍ଡଳର ଉତାପ ବୃଦ୍ଧି ଯୋଗୁଁ ହୋଇଥାଏ । ଖରାଦିନେ ମୋଟା ପୋଷାକ ପିନ୍ଧିବା, କଠିନ ଶାରିରୀକ ପରିଶ୍ରମ, ମଦ୍ୟପାନ, ଶ୍ୱାସ, ନିମୋନିଆ ଓ ଉଚ୍ଚ ରକ୍ତଚାପ ରୋଗୀ ତଥା ସ୍ୱେଦଗ୍ରନ୍ଥି ନଥିବା ବ୍ୟକ୍ତିମାନଙ୍କୁ ଅଂଶୁଘାତ ଆକ୍ରମଣ କରିଥାଏ । ହଠାତ୍ ଶରୀରର ଚର୍ମ ଶୁଷ୍କ ହୋଇ ଝାଳ ବାହାରିବା ବନ୍ଦ ହୋଇଯାଇଥାଏ । ହାତଗୋଡ଼ ଥରିବା ସହ ଶିରୋଭ୍ରମ ହୋଇ ରୋଗୀ ମୂର୍ଚ୍ଛା ହୋଇଯାଇଥାଏ । ଶରୀରର ତାପମାତ୍ରା ୧୦୬ଡିଗ୍ରୀ ଫାରେନ୍‌ହିଟ୍ ହୋଇଯାଇଥାଏ । ଚିକିତ୍ସା ଠିକ୍ ସମୟରେ କରା ନଗଲେ ରକ୍ତ ସଂଚାଳନ ବନ୍ଦ ହେବା ଦ୍ୱାରା ରୋଗୀର ମୃତ୍ୟୁ ହୋଇଥାଏ । ଚିକିତ୍ସା ପାଇଁ ରୋଗୀ ଶରୀରରୁ ପୋଷାକ ଖୋଲି ପତଳା ପୋଷାକ ପିନ୍ଧାଇ ଦେହସାରା ବରଫ ଘଷିଲେ ତାପମାତ୍ରା ଶୀଘ୍ର ହ୍ରାସ ହୋଇଥାଏ । ତୁରନ୍ତ ଅମ୍ଳଜାନ ଓ ଗ୍ଲୁକୋଜ ସାଲାଇନ୍ ନେବା ଉଚିତ । ରୋଗୀକୁ ପର୍ଯ୍ୟାପ୍ତ ବାୟୁ ଚଳାଚଳ ସ୍ଥାନରେ ରଖିବା ଉଚିତ । ଏଥିରୁ ରକ୍ଷା ପାଇବା ପାଇଁ ହେଲେ ପ୍ରବଳ ଖରାରେ ନ ବୁଲିବା ସହ ପ୍ରଚୁର ମାତ୍ରାରେ ପାଣି ପିଇବା ଉଚିତ । ଖରାଦିନେ କେତେକ ଖାଦ୍ୟପଦାର୍ଥ ସ୍ୱତନ୍ତ୍ରଭାବେ ସେବନ କଲେ ଶରୀର ସତେଜ ରହିବା ସହିତ ଅଂଶୁଘାତରୁ ରକ୍ଷା ମିଳିପାରିବ । ଯଥା-ଦହି- ଦହିରେ ଭିଟାମିନ୍ ଏ, ବି ଓ ସି ପ୍ରଚୁର ମାତ୍ରାରେ ଥାଏ । ଗ୍ରୀଷ୍ମଋତୁରେ ଏହା ବହୁତ ଉପକାରୀ ।ତରଭୁଜ- ଏହା ସେବନ ଦ୍ୱାରା ଶରୀର ଓ ମନ ଶୀତଳ ରହିଥାଏ । ଏହା ମୂତ୍ରକ, ବଳବର୍ଦ୍ଧକ ଓ ପୀ□ଶାମକ ହୋଇଥିବାରୁ ଖରାଦିନେ ଉପକାରୀ । *ଆଖୁରସ*- ଆଖୁରସରେ ଲେମ୍ବୁ, ଗୋଲମରିଚଗୁଣ୍ଡ ଓ ଅଦା ମିଶାଇ ପିଇଲେ ଶରୀରରେ ଜଳ ସନ୍ତୁଳନ ରକ୍ଷା ହେବା ସହ ଶରୀରକୁ ଶକ୍ତି ମିଳିଥାଏ । *ପଇଡ଼ପାଣି*- ଏଥିରେ ଗ୍ଲୁକୋଜ, ପ୍ରୋଟିନ୍, କ୍ଲୋରାଇଡ୍, ଭିଟାମିନ୍-ଏ ଓ ବି ଆଦି ପ୍ରଚୁର ଥିବାରୁ ଏହା ଗ୍ରୀଷ୍ମଋତୁ ପାଇଁ ବହୁତ ଉପକାରୀ ।




ରାଇରଙ୍ଗପୁର ହାଇସ୍କୁଲ ପୁରାତନ ଛାତ୍ରସଂଘ କାର୍ଯ୍ୟାଳୟ ଭଂଗା ନେଇ ଅସନ୍ତୋଷ

ରାଇରଙ୍ଗପୁର : (ନିପ୍ର)-୭ ଏପ୍ରିଲ ୧୯୪୧ରେ ଜିଲାର ଦ୍ୱିତୀୟ ପୁରାତନ ରାଇରଙ୍ଗପୁର ହାଇସ୍କୁଲ, ତତ୍କାଳୀନ ମୟୂରଭଂଜ ମହାରାଜା ପ୍ରତାପଚନ୍ଦ୍ର ଭଂଜଦେବଙ୍କ ଦ୍ୱାରା ପ୍ରତିଷ୍ଠା ହୋଇ ଆଜି ୮୫ ବର୍ଷରେ ଉପନୀତ ହୋଇଛି । ରାଇରଙ୍ଗପୁର ହାଇସ୍କୁଲର ୭୫ତମ ବର୍ଷ ପୂର୍ତି ଉପଲକ୍ଷେ ୭.୪.୨୦୧୭ ଦିନ ପ୍ଲାଟିନମ ଜୁବୁଲି ପାଳିତ ହୋଇଥିଲା । ଏହି ଅବସରରେ ରାଇରଙ୍ଗପୁର ହାଇସ୍କୁଲ ପୁରାତନ ଛାତ୍ରସଂଘ ଗଠନ ହୋଇ ଏହାର ପଂଜୀକରଣ ମଧ୍ୟ ହୋଇଥିଲା । ତତ୍କାଳୀନ ପ୍ରଧାନ ଶିକ୍ଷକ କପିଳେନ୍ଦ୍ର ଦାସଙ୍କ ସମୟରେ ପୁରାତନ ଛାତ୍ରସଂଘ ପାଇଁ ଦୁଇ କୋଠରୀ ବିଶିଷ୍ଟ ଏକ କାର୍ଯ୍ୟାଳୟ ଗୃହ ମଂଜୁର ହୋଇଥିଲା । କାର୍ଯ୍ୟାଳୟ ଗୃହରେ ବିଭିନ୍ନ ମୂଲ୍ୟବାନ ଆସବାବପତ୍ର ମଧ୍ୟ ରହିଥିଲା । କିନ୍ତୁ ଗତ ୩୧ ମାର୍ଚ୍ଚରେ ପୁରାତନ ଛାତ୍ରସଂଘ କର୍ମକର୍ତାମାନଙ୍କ ବିନା ଅନୁମତିରେ ବିଭିନ୍ନ ବ୍ୟବହାର୍ଯ୍ୟ ଜିନିଷ ଯଥା - ବେଂଚ, ଡେସ୍କ, ଟେବୁଲ, ଚେୟାର ଆଦି ଅନଧିକୃତ ଭାବେ ତାଲା ଖୋଲି ଅନ୍ୟ ଏକ କୋଠରୀକୁ ସ୍ଥାନାନ୍ତର କରି ଦିଆଗଲା । ଏହାପରେ ୩୧ ତାରିଖରେ ଦିନରାତି ଜେସିବି ଲଗାଇ ପୁରାତନ ଛାତ୍ରସଂଘର ସୁଦୃଢ଼ କାର୍ଯ୍ୟାଳୟ ଗୃହକୁ ଅତି ଏକତରଫା ଓ ଅବିଚାରିତ ଭାବେ ଭାଙ୍ଗି ଦେଇ ଧ୍ୱସ୍ତ ବିଧ୍ୱସ୍ତ କରିଦିଆଗଲା । ଏଥିସହିତ କାର୍ଯ୍ୟାଳୟ ଗୃହ ସଂଲଗ୍ନ ୧୯୯୦ରେ ନିର୍ମିତ ଓ ତତ୍କାଳୀନ ରାଜ୍ୟ ଶିକ୍ଷା ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଦ୍ୱାରା ଉଦ୍ଘାଟିତ ରାଇରଙ୍ଗପୁର ହାଇସ୍କୁଲ ହାୟାର ସେକେଣ୍ଡାରୀ ବିଜ୍ଞାନାଗାରସମୂହ କୋଠା ସମେତ ଷଷ୍ଠ ଓ ସପ୍ତମ ଶ୍ରେଣୀର ୪ଟି ମଜବୁତ ଶ୍ରେଣୀ କୋଠରୀକୁ ଅତି ତରବରିଆ ଓ ବେପରୱା ଭାବେ ଜେସିବି ଦ୍ୱାରା ଭଂଗାଯାଇ ଧ୍ୱସ୍ତବିଧ୍ୱସ୍ତ କରି ଦିଆଯାଇଛି ଯେଉଁ କୋଠାଘରର ମୂଲ୍ୟବାନ କବାଟ, ଝରକା, ଇଟା, ଲୁହା ରଡ୍ ଏବଂ ୪ଟି ଶ୍ରେଣୀଗୃହ ଛାଉଣୀର ମୂଲ୍ୟବାନ କାଠ ଆଦି ଦିନରାତି ଟ୍ରକ୍ ଓ ଟ୍ରାକ୍ଟରରେ ଅଜଣା ଲୋକଙ୍କ ଦ୍ୱାରା ବିଭିନ୍ନ ସ୍ଥାନକୁ ବୋହି ନିଆଯାଉଛି । ଏହି ବିଜ୍ଞାନାଗାରରେ ଦଶଟି କମ୍ପ୍ୟୁଟର, ଇ-ଲାଇବ୍ରେରୀ ଓ ସାଧାରଣ ପାଠାଗାରରେ ସହସ୍ରାଧିକ ମୂଲ୍ୟବାନ ପୁସ୍ତକ ସହିତ ଆଲମାରୀ, ଲାବୋରେଟରୀ ସରଞ୍ଜାମ ଏବଂ ବଡ଼ବଡ଼ ଟେବୁଲ, ଚେୟାର ମଧ୍ୟ ରହିଥିଲା । ଏବେ ଏସବୁ ମୂଲ୍ୟବାନ ଜିନିଷର ଚିହ୍ନବର୍ଣ୍ଣ ନଥିବା ଅଭିଯୋଗ ହୋଇଛି । ଏହି ଦାୟିତ୍ୱହୀନ ଓ ସମ୍ବେଦନଶୀଳ ଘଟଣାର ଫଟୋ ଓ ଖବର ଭାଇରାଲ ହେବା ପରେ ସ୍ଥାନୀୟ, ଜିଲା, ରାଜ୍ୟ ଓ ଦେଶ ବିଦେଶର ଅଗଣିତ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ରାଇରଙ୍ଗପୁର ହାଇସ୍କୁଲ ର ବରିଷ୍ଠ ପୁରାତନ ଛାତ୍ର, ସଂଘର ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଏହି ଘଟଣାର ଦୃଢ଼ ନିନ୍ଦା କରି ଏସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି । ଏହି ଦୁର୍ଭାଗ୍ୟପୂର୍ଣ୍ଣ ଓ ଚିନ୍ତାଜନକ ଘଟଣାର ଜୋରଦାର ପ୍ରତିବାଦ କରି ପୂର୍ବତନ ରାଇରଙ୍ଗପୁର ବିଧାୟକ ଲକ୍ଷ୍ମଣ ମାଝିଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀ ମାଝି ଏହି ସମ୍ବେଦନଶୀଳ ଘଟଣାର ବିଧିବଦ୍ଧ ଓ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି । ଏଥିରେ ସଂଘର କୋଷାଧକ୍ଷ ପ୍ରଦୀପ୍ତ ମହାନ୍ତି, ପୁରାତନ ଛାତ୍ର ରୂପେଶ ମହାନ୍ତି, କିଶୋର ମହାନ୍ତ, କିଶୋର ମହାନ୍ତ (ଖ), ପ୍ରଫୁଲ୍ଲ ମହାନ୍ତ, ପୀଥ ମୁର୍ମୁ, କାଶୀନାଥ ସୋରେନ, ଅଭିଜିତ ମହାନ୍ତି, ଜ୍ୟୋତିରଞ୍ଜନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସିଂ, ସୀମାଲ ମାଝି, ଚିତରଂଜନ ପରିଚ୍ଛା ଓ ରବୀନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଅତିଶୀଘ୍ର ବିଭିନ୍ନ ସ୍ଥାନର ସଂଖ୍ୟାଧିକ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବଡ଼ଧରଣର ପ୍ରତିବାଦ ସଭା ଆୟୋଜିତ ହେବ ବୋଲି ପୂର୍ବତନ ବିଧାୟକ ଶ୍ରୀ ମାଝି ସୂଚନା ଦେଇଛନ୍ତି ।

ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପାଇଲେ ଶିକ୍ଷକ ଶିକ୍ଷୟିତ୍ରୀ

ଜୟପୁର : ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ହାଟକଙ୍ଗା ଉନ୍ନତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଓ ଇନ୍ଦିରା କଲୋନୀ ଖ ପ୍ରାଥମିକ ବିଦ୍ୟାଳୟ ଜୟପୁରର ଶିକ୍ଷୟିତ୍ରୀ ଶ୍ରୀମତି ଜ୍ୟୋସ୍ନା ପାଣିଗ୍ରାହୀ ତା ୩୧.୦୩.୨୦୨୬ ରେ ଚାକିରିରୁ ଅବସର ଗ୍ରହଣ କରିବାକୁ ଥିବା ସମୟରେ ଅବସର ଗ୍ରହଣ ପୂର୍ବରୁ ସରକାର ଉକ୍ତ ଦ୍ୱୟ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର କରିଥିଲେ । ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ପୂର୍ଣ୍ଣାଙ୍ଗ ପେନସନ ମଞ୍ଜୁର ଆଦେଶ ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର ଆଦେଶ ପ୍ରଦାନ କରିବା ସହିତ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଆଗାମୀ ଜୀବନ ସୁଖମୟ ହେବା ନିମନ୍ତେ କାମନା କରିଥିଲେ । କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢି ଓ ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ୍ ଉପସ୍ଥିତ ରହି ଉକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱୟଙ୍କ ଅବସର ପରବର୍ତୀ ସମୟ ସୁଖରେ କଟିବା ନେଇ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଉକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱୟ ଠିକ୍ ସମୟରେ କାର୍ଯ୍ୟାଳୟରେ କାଗଜପତ୍ର ଦାଖଲ କରିଥିବା ଯୋଗୁଁ ଅବସର ଗ୍ରହଣ ପୂର୍ବରୁ ତାଙ୍କର ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର କରାଇବାରେ ଆମେ ସମର୍ଥ ହୋଇପାରିଲୁ ବୋଲି ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ ମତବ୍ୟକ୍ତ କରିଥିଲେ । ଏହି କିଛି ମାସ ହେବ ଅବସର ଗ୍ରହଣ ଦିନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପୂର୍ଣ୍ଣାଙ୍ଗ ପେନସନ୍ ପାଇ ଆସୁଛନ୍ତି ବୋଲି ଶ୍ରୀ ଦାଶ୍ କହିଛନ୍ତି ଓ ଏହିପରି ଯଦି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତତ୍ପର ହୋଇ ଅବସର ଗ୍ରହଣ ପୂର୍ବରୁ ତାଙ୍କର କାଗଜପତ୍ର ଦାଖଲ କରିବେ ତାହେଲେ ପ୍ରତି ମାସରେ ଅବସର ଗ୍ରହଣ କରୁଥିବା ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପାଇବେ ବୋଲି ଶ୍ରୀ ଦାଶ୍ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ମାଲକାନଗିରି ଜିଲ୍ଲାରେ ଜନଗଣନା-୨୦୨୭ ପାଇଁ ପ୍ରସ୍ତୁତି ଜୋରଦାର : ଜିଲ୍ଲାପାଳଙ୍କ ଦ୍ୱାରା ଜନଗଣନା ରଥର ଶୁଭାରମ୍ଭ

ମାଲକାନଗିରି : ଆସନ୍ତା ୨୦୨୭ ଜନଗଣନାକୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଜନଗଣନା ରଥ-୨୦୨୭ ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ମାଧ୍ୟମରେ ଗୃହ ଗଣନା ଓ ଜନଗଣନା ପ୍ରକ୍ରିୟା ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଚଳିତ ଜନଗଣନା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ।ଡିଜିଟାଲ୍ ସ୍ୱ-ଗଣନା ମାଧକ୍ରମରେ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣ ନିଜେ ପୋର୍ଟାଲ୍ ବ୍ୟବହାର କରି ନିଜ ତଥ୍ୟ ଅନ୍ଲାଇନ୍ ଦେଇପାରିବେ ।କ୍ଷେତ୍ର ସ୍ତରୀୟ ଗଣନା ପାଇଁ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଗଣନାକାରୀମାନେ ଘରକୁ ଘର ବୁଲି ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ ।ଏହି ବୃହତ କାର୍ଯ୍ୟ ପାଇଁ ଜିଲ୍ଲାରେ ୧୨୭୯ ଜଣ ଗଣନାକାରୀ ଏବଂ ୨୨୨ ଜଣ ନିରୀକ୍ଷକ ନିୟୋଜିତ ହୋଇଛନ୍ତି ।ଏପ୍ରିଲ ୧ ତାରିଖ ଠାରୁ ଏପ୍ରିଲ ୧୫ ସ୍ୱଗଣନା ଏବଂ ଏପ୍ରିଲ ୧୭ ରୁ ମେ ୧୫ ଏହି ତିରିଶି ଦିନ ପାଇଁ ପ୍ରକୃତ ଗୃହଗଣନା ଘରେ ଘରେ ହେବ । ଜନଗଣନା ଆସନ୍ତା ଫେବୃଆରୀ ୨୦୨୭ ରେ ହେବ । ରଥ ଶୁଭାରମ୍ଭ ସମୟରେ ଜିଲ୍ଲା ଜନଗଣନା ଅଧିକାରୀ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପଖଣ୍ଡ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଡେପୁଟି ଜନଗଣନା ଅଧିକାରୀ ମୁନା ତୁରୁକ୍ ଏବଂ କେନ୍ଦ୍ରୀୟ ପ୍ରଭାରୀ ଅକ୍ଷୟ ମୁଦଗଲ୍ ପ୍ରମୁଖ ଉପସ୍ଥିତ ଥିଲେ । ଦେଶ ଓ ରାଜ୍ୟର ଭବିଷ୍ୟତ ଯୋଜନା ପାଇଁ ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଜନସାଧାରଣ ସଠିକ୍ ତଥ୍ୟ ପ୍ରଦାନ କରି ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

ବ୍ରାଇଟ୍ ଫିୟୁଚର ପବ୍ଲିକ ସ୍କୁଲ ଉଦ୍ଘାଟିତ

ଧର୍ମଶାଳା : ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ନୂତନ ଶିକ୍ଷାନୁଷ୍ଠାନ ଭାବେ ବ୍ରାଇଟ୍ ଫିୟୁଚର ପବ୍ଲିକ ସ୍କୁଲ ପ୍ରତିଷ୍ଠା ଲାଭ କରିଛି । ଏହି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡିହଠାରେ ଆନୁଷ୍ଠାନିକଭାବେ ପୂଜାର୍ଚ୍ଚନା ପରେ ଉଦ୍ଘାଟିତ ହୋଇଯାଇଛି । ଶିକ୍ଷାବିତ୍ ସୁନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା ଓ ସମ୍ମାନୀତ ଅତିଥିଭାବେ ପ୍ରାକ୍ତନଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନୂତନ ସ୍କୁଲକୁ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ନାୟକ, ମଧୁସୂଦନ ନାୟକ, କୃପାସିନ୍ଧୁ ନାୟକ, ରାଜକିଶୋର ନାୟକ, ଗୌରାଙ୍ଗ ତରାଇ ହେମନ୍ତ କୁମାର ନାୟକ, ନିରଞ୍ଜନ ସାହୁ, ଆଶାତୁନ ବିବିଙ୍କ ସମେତ ଗ୍ରାମର ବରିଷ୍ଠ ମୁରବୀ ଉପସ୍ଥିତ ଥିଲେ । ସ୍କୁଲର ଚେୟାରମମ୍ୟାନ ଧିରେନ କୁମାର ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷାକର୍ମୀଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍କୁଲରେ ଶିଶୁବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ପ୍ରଥମ ଦିବସରେ ଶିଶୁବାଟିକାରେ ୨୦ରୁ ଉର୍ଦ୍ଧ୍ୱ କୋମଳମତି ଶିଶୁ ସେମାନଙ୍କ ନାମ ଲେଖାଇଥିବା ଜଣାପଡିଛି ।

ଏକ ଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ

ବଲାଙ୍ଗିର : ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକୋତର ସଂସ୍କୃତ ବିଭାଗ ତଥା ସଂସ୍କୃତ ଭାରତୀ, ଉତ୍କଳର ମିଳିତ ଆନୁକୂଲ୍ୟରେ 'ସରଳ ମାନକ ସଂସ୍କୃତ' ଶୀର୍ଷକ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଏହି ଅବସରରେ ଭାରତୀୟ ଭାଷା ସମିତିର ଅଧ୍ୟକ୍ଷ ପଦ୍ମଶ୍ରୀ ଚମୂକୃଷ୍ଣ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଅନ୍ ଲାଇନ ଯୋଗଦେଇ ସରଳ ମାନକ ସଂସ୍କୃତର ଆବଶ୍ୟକତା ତଥା ମହତ୍ୱ ପ୍ରତିପାଦନ କରିଥିଲେ । ବିଭାଗୀୟ ମୁଖ୍ୟ ଡଃ ସଦାଶିବ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଜିତ କୁମାର ପଣ୍ଡା ଉକ୍ତ କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ମଂଚ ସଂଚାଳନ ଅଧ୍ୟାପକ ଡଃ. ସମୀର ବିଶ୍ୱାଳ, ରଞ୍ଜିତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଉକ୍ତ କାର୍ଯ୍ୟଶାଳାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଦାଶିବ ପରିସର, ପୁରୀର ଶିକ୍ଷାଶାସ୍ତ୍ର ବିଭାଗର ସହାୟକ ଅଧ୍ୟାପକ ରମାକାନ୍ତ ସା ଏବଂ ସଂସ୍କୃତ ଭାରତୀ, ପଶ୍ଚିମୋତ୍କଳର ପ୍ରାନ୍ତ ସହସମ୍ପାଦକ ଡଃ. ମାନସ ରଞ୍ଜନ ସାହୁ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ । ୪ଟି ସତ୍ରରେ ସରଳ ସଂସ୍କୃତ, ମାନକ ସଂସ୍କୃତ, ଭାଷା ଶିକ୍ଷଣର ୪ଟି କୌଶଳ, କୌଶଳ ଆଧାରିତ କ୍ରିୟାକଳାପ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯଶାଳାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗିର, ଡୁଙ୍ଗୁରିପାଲି ସ୍ନାତକ ମହାବିଦ୍ୟାଳୟ, ଡୁଙ୍ଗୁରିପାଲି, ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ, ବଲାଙ୍ଗିର, ପଂଚାୟତ ମହାବିଦ୍ୟାଳୟ, ବୌଦ୍ଧ ବଲାଙ୍ଗିରର ପ୍ରାୟ ୨୦୦ ସଂଖ୍ୟକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଯୋଗ ଦେଇଥିଲେ ଓ ଶେଷରେ ସରସ୍ୱତୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଆଦର୍ଶ କୁମାର ମହାପାତ୍ର, ଦିନେଶ ସିଂହ, ଦେବଦତ ପାଣିଗ୍ରାହୀ, ସୁଚୀତା ଦୋରା, ପ୍ରଭଞ୍ଜନ ମିଶ୍ର, ଉର୍ମିଳା ମଟାରି ପ୍ରମୁଖ ସହଯୋଗ କରିଥିଲେ ।

ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ : ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ଯୋଗ ଦେଲେ ବହୁ ଶ୍ରଦ୍ଧାଳୁ

ଧର୍ମଶାଳା : ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତର ଅନ୍ୟତମ ଗ୍ରାମଦେବୀ ମା ମଙ୍ଗଳାଙ୍କ ପୀଠରେ ୨୬ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ପୂର୍ଣ୍ଣାହୂତି ଦିବସରେ ସ୍ଥାନୀୟ ଅଂଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଯଜ୍ଞ ୨ଦିନ ଧରି ଚାଲିଥିଲା । ପ୍ରଥମ ଦିବସରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ଯଜ୍ଞ କ୍ରମ ଆରମ୍ଭ ହୋଇଥିଲା । ପଣ୍ଡିତ ରବିନ୍ଦ୍ର କୁମାର ଦାଶ,କାର୍ତିକ ପତି ଓ ପବିତ୍ର କୁମାର ଦାଶଙ୍କ ସହ ମୁଖ୍ୟକର୍ତାଭାବେ ପ୍ରତାପ ଚନ୍ଦ୍ର ଉଦଣ୍ଡରାୟ ଓ ସହଧର୍ମଣୀ ପଦ୍ମିନୀ ରାଉତ ଯଜ୍ଞକର୍ମରେ ସହଯୋଗ କରିଥିଲେ । ପୂର୍ଣ୍ଣାହୂତି ଦିବସରେ ଶହଶହ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇ ଯଜ୍ଞ କୁଣ୍ଡରେ ଘୃତ ଆହୂତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଯୋଗ ଦେଇ ମା'ଙ୍କୁ ଦର୍ଶନ କରିଥିଲେ । ତାଙ୍କୁ ସ୍ଥାନୀୟ ଅଂଚଳର ଶହଶହ ଯୁବ ସଂଗଠକ ଓ ବିଜେପି କର୍ମକର୍ତା ଏକ ସୁସଜ୍ଜିତ ଖୋଲା ଗାଡିରେ ମହେଶ୍ୱରପୁର ପଂଚାୟତସ୍ଥ ଚାନ୍ଦପୁରଠାରୁ ବ୍ରହ୍ମବରଦା ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣକୁ ପାଛୋଟି ଆଣିଥିଲେ । ମନ୍ଦିର ପରିସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାକ୍ତନଶିକ୍ଷାବିତ୍ ମାଧବୀଲତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ମୁଖ୍ୟପାତ୍ର ମନୋଜ ମହାପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,କେନ୍ଦୁଝର ଜିଲା ମହିଳା ସଭାନେତ୍ରୀ ପ୍ରଣତି ନାୟକ,ସମାଜସେବୀ ପ୍ରଶାନ୍ତ ଦାସ,୩୬ ନଂ ଜୋନ ମଣ୍ଡଳ ସଭାପତି ମିଥୁନ କୁଣ୍ଡୁ, କାର୍ଯ୍ୟକାରିଣୀ ସଦସ୍ୟ ଅନିଲ ରାଉତ ଓ ଜିଲା ବିଜେପି ସମ୍ପାଦକ ପ୍ରଫୁଲ୍ଲ ଗିରି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁବନେତା ଉଦୟଭାନୁ ଦେଓ,ରୂପେଶ ରାଉତ, ଦିପ୍ତୀ ରଂଜନ ରାଉତ,ରାଜେଶ କୁମାର ଦାସ,ସୁରେନ୍ଦ୍ର ରାଉତ,ଅମୂଲ୍ୟ ରାଉତ, ସଂଜୟ ବେହେରା, ସଂଗ୍ରାମ ମହାନ୍ତି,ସଂଜୟ କୁମାର ରାଉତ ଓ ଅତୁଲ୍ୟ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ଦିବସମାନଙ୍କରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବିନା ବହିରେ ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ

ଜୟପୁର : କୋରାପୁଟ ଜିଲାରେ ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ନୂଆ ଶ୍ରେଣୀରେ ନୂତନ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ପଢ଼ିବେ । ଏଥିପାଇଁ ସରକାରୀ ଓ ଘରୋଇ ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ପ୍ରବେଶ ଉତ୍ସବ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ହେଲେ ପିଲାଙ୍କ ନିକଟରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରି ନାହିଁ । ଉଭୟ ରାଜ୍ୟ ସରକାର ଓ ଏନ୍ସିଇଆରଟି ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇବା ରେ ବିଫଳ ହୋଇଛନ୍ତି । ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ଏପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ । ବଜାରରେ ବିକ୍ରି ହେଉଥିବା ବହି ମଧ୍ୟ ମିଳୁନି । ବିଗତ ବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏନ୍ସିଇଆରଟି ଠିକ୍ ସମୟରେ ପାଠ୍ୟପୁସ୍ତକ ବଜାରକୁ ଛାଡି ପାରିନାହିଁ । କଷ୍ଟେମଷ୍ଟେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ରେ ପାଠ୍ୟପୁସ୍ତକ ଉପଲବ୍ଧ କରାଯାଇଛି । ତେବେ ୯ମ ଶ୍ରେଣୀ ସିଲାବସ୍ ପରିବର୍ତନ ହୋଇଥିବାରୁ ତାହା ଏବେ ସମସ୍ୟା ସୃଷ୍ଟି କରିଛି । ନୂତନ ସିଲାବସ୍ ଅନୁଯାୟୀ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକପ୍ରସ୍ତୁତ ସରି ନ ଥିବାରୁ ଛପା ଯାଇପାରି ନାହିଁ । ବଜାରକୁ ଆସିବାକୁ ଆହୁରି କେତେ ସମୟ ଲାଗିବ ତାହା କେହି କହିପାରୁ ନାହାନ୍ତି । ଏହାଦ୍ୱାରା ପିଲାମାନେ ବହୁ ପରିମାଣରେ ହଇରାଣ ହେଉଛନ୍ତି । ସ୍କୁଲ କର୍ତୃପକ୍ଷ ମଧ୍ୟ ପିଲାଙ୍କୁ କେଉଁଭଳି ପଢ଼ାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । କେବଳ ସିବିଏସ୍ଇ ଛାତ୍ରଛାତ୍ରୀ ନୁହନ୍ତି, ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ବହି ପହଂଚି ପାରିନାହିଁ । ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦେବାର ନିୟମ ରହିଛି । ହେଲେ ଆଜି ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଇ ନାହିଁ । ଉପାନ୍ତ ତଥା ଆଦିବାସୀବହୁଳ ଜିଲ୍ଲାଗୁଡ଼ିକର କିଛି ବିଦ୍ୟାଳୟକୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ହୋଇଛି । ସରକାରୀ ହିସାବ କହୁଛି, ୩୦ ପ୍ରତିଶତ ବିଦ୍ୟାଳୟରେ ମାଗଣା ପାଠ୍ୟପୁସ୍ତକ ପହଂଚିଛି । ତେବେ ଏହି ସଂଖ୍ୟା ଆହୁରି କମ୍ ହେବ ବୋଲି ଶିକ୍ଷକ ସଙ୍ଗଠନଗୁଡ଼ିକ କହିଛନ୍ତି । ସମସ୍ତ ଜିଲ୍ଲାରେ ପାଠ୍ୟପୁସ୍ତକ ପହଂଚି ନଥିବାରୁ ପ୍ରବେଶ ତଥା ଖଡ଼ିଛୁଆଁ ଉତ୍ସବକୁ ଘୁଂଚାଇ ଦିଆଯାଇଥିବା ନେଇ ଚର୍ଚ୍ଚା ଚାଲିଛି । କାରଣ ପ୍ରବେଶ ଉତ୍ସବରେ ହିଁ ପିଲାମାନଙ୍କୁ ନୂତନ ପାଠ୍ୟପୁସ୍ତକ ସମେତ ଅନ୍ୟାନ୍ୟ ସାମଗ୍ରୀ ବଂଟନ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ୯ମ ଓ ୧୦ମ ଶ୍ରେଣୀ ପାଠ୍ୟପୁସ୍ତକରେ ମଧ୍ୟ ସମାନ ସ୍ଥିତି ଲାଗିରହିଛି । ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଛପାଯାଇ ନ ଥିବାରୁ ପିଲାଙ୍କ ପାଖରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇ ପାରିନାହିଁ । ସମସ୍ତ ବିଦ୍ୟାଳୟରେ ବହି ପହଂଚିବାକୁ ଆହୁରି ୧୫ ଦିନ ଲାଗିବ ବୋଲି ଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି । ତେଣୁ ଶିକ୍ଷା ବିଭାଗ ତୁରନ୍ତ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି

ମହୁଲ ଫୁଲର ଅଭାବୀ ବିକ୍ରି

ଜୟପୁର: କୋରାପୁଟ ଜିଲ୍ଲାରେ ମହୁଲ ଫୁଲର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ସର୍ବନିମ୍ନ ସହାୟକ ଦର ଧାର୍ଯ୍ୟ କରାଯାଇଥିବା ୭୨ଟି ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ମହୁଲ ରହିଛି । ପଂଚାୟତ ପକ୍ଷରୁ ମହୁଲ ଫୁଲର ସର୍ବନିମ୍ନ ସହାୟକ ଦର କେଜି ପ୍ରତି ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ମାତ୍ର କୋରାପୁଟ ଜିଲ୍ଲାରେ ଏହାର ବଜାର ଅଭାବରୁ ମାତ୍ର ୧୦ ରୁ ୧୫ ଟଙ୍କାରେ କେଜି ପିଛା ବିକ୍ରି ହେଉଛି । ପର୍ଯ୍ୟାପ୍ତ ଗୋଦାମ ଓ ଆବଶ୍ୟକ ଭିତିଭୂମିର ଅଭାବ ଯୋଗୁଁ ଲୋକେ ମହୁଲକୁ ମହଜୁଦ ରଖିପାରୁ ନାହାନ୍ତି ।ସରକାରଙ୍କ ନିୟମ ଅନୁଯାୟୀ ମହିଳା ଏସ୍ଏଚଜିଙ୍କୁ ଏହାର କ୍ରୟ ଦାୟିତ୍ୱ ଦିଆଯିବାକୁ ଥିଲେ ମଧ୍ୟ ଦଲାଲ ଓ ଅବକାରୀ ବିଭାଗର ମସୁଧା ଯୋଗୁଁ ଏହା କାର୍ଯ୍ୟକାରୀ ହେଉନି । ଦଲାଲଙ୍କ ଗୋଦାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉ ନାହିଁ । ଓଲଟା ସେମାନଙ୍କ ଠାରୁ ହାତଗୁଞ୍ଜା ନେଇ ଦେଶୀ ମଦଭାଟିକୁ ସୁହାଇଲା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଅଭିଯୋଗ ହୋଇଛି । ଗରିବ ଲୋକଙ୍କ ପାଇଁ ମହୁଲ ସଂଗ୍ରହ ଜୀବନ ଜୀବିକା ପାଳଟିଥିବା ବେଳେ ଦଲାଲଙ୍କ ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଉ ନାହାନ୍ତି । କୋରାପୁଟ ଜିଲ୍ଲାରେ ଦିନକୁ ଦିନ ମଦଭାଟି ସଂଖ୍ୟା ବୃଦ୍ଧି ପାଇବା ସହିତ ମଦରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି । ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଂଚଳରେ ଥିବା ଗାଁ ମାନଙ୍କରୁ ଆଦିବାସୀମାନେ ମହୁଲ ସଂଗ୍ରହ କରିଥାନ୍ତି । ଗ୍ରାମାଂଚଳରେ ମଦଭାଟି ମାଲିକମାନେ କିଛି ଲୋକଙ୍କୁ ରଖି ଆଗୁଆ କମ୍ ଦରରେ ମହୁଲ କିଣି ଗଚ୍ଛିତ ରଖୁଛନ୍ତି । ମହୁଲ କ୍ରୟ ଓ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଂଚାୟତର ଜନପ୍ରତିନିଧି ଓ କିଛି ସରକାରୀ କର୍ମଚାରୀଙ୍କୁ ନେଇ କମିଟି ହେବାକୁ ଥିବାବେଳେ ଏଥିରେ ମଧ୍ୟ ବ୍ୟତିକ୍ରମ ଦେଖାଦେଇଛି । ସେହି କମିଟିରେ ମୂଲ୍ୟ ଧାର୍ଯ୍ୟ ନିଷ୍ପତି ହେବା ପରେ ନିର୍ଦ୍ଦେଶନାମା ଜାରି କରିବା ନିୟମ ରହିଛି ଏବଂ ଏଥିପାଇଁ କ୍ରେତାମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବା ଉଚିତ । ମାତ୍ର ସେପରି ହେଉନାହିଁ । ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଲେ ଆଦିବାସୀମାନେ ଉପକୃତ ହୋଇପାରିବେ । ତେଣୁ ରାଜ୍ୟ ସରକାର ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

ମହିଳାମାନଙ୍କ ପାଇଁ ଶକ୍ତିଶ୍ରୀ ସଚେତନତା ଶୋଭାଯାତ୍ରା

ଘଟଗାଁ : କେନ୍ଦୁଝର ଜିଲ୍ଲା ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ତରା ପଂଚାୟତ ନାକଝରି ଗ୍ରାମରେ ପହଂଚିଥିଲା । ଏଠାରେ ଗ୍ରାମର ନାରୀ ସଚେତନତାଉପରେ ଏକ ସଭା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀମାନେ କିପରି ବିକାଶ ପଥରେ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗର ସଂଯୋଜିକା ଡକ୍ଟର ସୁରେଶବାଳା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମାଜସେବୀ ପଦ୍ମଲୋଚନ ବଳ, ଅଧ୍ୟାପିକା ଅନୁପମା ବିଶ୍ୱକର୍ମା, ତ୍ରିଲୋଚନ ସାହୁ ପ୍ରମୁଖ ଅତିଥୀଭାବେ ଯୋଗ ଦେଇଥିଲେ । ନାରୀ ସଚେତନତା ଉପରେଏକ ନାଟକ ପରିବେଶଣ କରାଯାଇଥିଲା ।

ଚୁଆ ପାଣିରେ ମେଂଟୁଛି ଶୋଷ

ମାଲକାନଗିରି : ଜଳ ପାଇଁ ନାନାଦି ସମସ୍ୟା । ପାଣି ବୁନ୍ଦାଏ ପାଇଁ ମହିଳାଙ୍କୁ ଯିବାକୁ ପଡୁଛି ଗାଁ ପାଖ ଚୁଆକୁ । ଅନ୍ୟପଟେ ଦୂଷିତ ଜଳ ବ୍ୟବହାର ଦ୍ୱାରା ରୋଗରେ ପୀଡିତ ହେଉଛନ୍ତି ଲୋକେ । ଏହି ଦୃଶ୍ୟ ହେଉଛି କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଂଚାୟତର ଗୋପୀଗୁଡା ଗାଁ ର । ଏହି ଦୃଶ୍ୟ ବୟାନ କରୁଛି, ଜଳ ସମସ୍ୟା ଏଠିକାର ମୁଖ୍ୟ ସମସ୍ୟା ବୋଲି । ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରିନିଅନ୍ତି, କିନ୍ତୁ ଜଳ କଷ୍ଟ କଥା କହିଲେ ନସରେ । ସ୍ଥାନୀୟ ସରପଂଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନଙ୍କୁ ଜଣେଇଲା ପରେ ବି ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଂଚିତ ରହିଛି ଗାଁ । ଗାଁରେ ମୋଟ୍ ୨୦ ରୁ ଉର୍ଦ୍ଧ ପରିବାର ରହୁଥିବା ବେଳେ ଚୁଆ ପାଣି ହିଁ ଏକମାତ୍ର ଭରଷା । ଦୁଇ ବର୍ଷ ପୂର୍ବରୁ ଗାଁରେ ନଳକୂଅ ଖୋଳାଯାଇ ସୋଲାର ପାଣି ଦିଆଯାଇଥିଲା ତାହା ଗୋଟିଏ ମାସ ଚାଲିବା ପରେ ମୋଟର ପୋଡ଼ିଗଲା । ହେଲେ ଠିକାଦାର ମୋଟର ତିଆରି କରିବା ପାଇଁ ନେଇ ଆଜି ପର୍ଯ୍ୟନ୍ତ ଦେଖାନାହିଁ । ବର୍ତମାନ ସମୟରେ ନିକଟସ୍ଥ ଚୁଆ ପାଣିକୁ ଆଣି ବ୍ୟବହାର କରୁଛନ୍ତି ଗାଁ ଲୋକେ । ତାହାବି ବ୍ୟବହାର ପାଇଁ ଉପଯୋଗ ନଥିବା ବେଳେ, ବାଧ୍ୟ ହୋଇ ଦୂଷିତ ଜଳକୁ ରୋଷେଇ ଠାରୁ ଆରମ୍ଭ କରି ଗାଧୋଇବା, ଲୁଗା ସଫା ପାଇଁ ବ୍ୟବହାର କରିଥାନ୍ତି । ଫଳରେ ବର୍ଷ ସାରା ନାନାଦି ରୋଗରେ ପୀଡିତ ଥିବା କହିଛନ୍ତି ଗାଁ ବାସିନ୍ଦା । ଏହି ସମସ୍ୟା ବିଷୟରେ ସରପଂଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି ପରେ କୌଣସି ଫଳପ୍ରଦ ହୋଇନାହିଁ । ଖରା ଓ ଶୀତ ପାଗରେ ଗୋଟିଏ ସ୍ଥାନରୁ ଓ ବର୍ଷା ପାଗରେ ଆଉ ଗୋଟିଏ ସ୍ଥାନରୁ ପାଣି ସଂଗ୍ରହ କରି ଆଣିବାକୁ ପଡେ ଗୋପିଗୁଡା ବାସିନ୍ଦାଙ୍କୁ । ଶୁଖିଲା ପାଗରେ ଯେନତେନ ପ୍ରକାରେଣ କରି ଚଳିଯାନ୍ତି, କିନ୍ତୁ ବର୍ଷା ୪ ମାସ ନାହିଁ ନଥିବା ସମସ୍ୟାକୁ ସାମ୍ନା କରିବାକୁ ପଡେ । ଗାଁ ଠାରୁ ୬୦୦ ମିଟର ଦୂରକୁ ଯାଇ ମୁଣ୍ଡରେ ପାଣି ଭର୍ତି ହାଣ୍ଡି ଧରି ବହୁ କଷ୍ଟରେ ତଳୁ ଉପରକୁ ଆସିବାକୁ ପଡେ । ତୁରନ୍ତ ବ୍ଲକ କର୍ତୃପକ୍ଷ ପକ୍ଷରୁ ଏହାର ସମାଧାନ କରିବା ପାଇଁ ଅଂଚଳ ବାସୀ ଦାବୀ କରିଛନ୍ତି ।

ଦେଶୀ ରନ୍ଧାମଦ ଜବତ, ୩ ଗିରଫ

ଖଇରା(ନିପ୍ର): ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ ଖଇରା ଥାନା ଅଧୀନରେ ଆସୁଥିବା ସିଙ୍ଗିପୁର, ମୁସ୍ତଫାବାଦ, ରଟିଣା ଓ ନଛିପୁର ଗ୍ରାମରେ ଚଢାଉ କରାଯାଇ ୧୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ମାନେ ହେଲେ ରତ୍ନାକର ମହାରଣା, ସୁନା ନାଏକ ଓ ବାବୁ ସିଂ । ଜବତ ମଦର ଆନୁମାନିକ ମୁଲ୍ୟ ୩୦ହଜାର ହେବ ବୋଲି କୁହାଯାଉଛି ।

ସହରରେ ଫୁଟିଲା ଗୁଳି, ଜଣେ ମୃତ

ଯାଜପୁର(ନିପ୍ର): ଯାଜପୁର ସହରରେ ଫୁଟିଲା ଗୁଳି । ଯାଜପୁର ଥାନା ଅନ୍ତର୍ଗତ କାଳିମେଘା ନିକଟରେ ଯୁବକଙ୍କ ଉପରକୁ ଗତ କାଲି ରାତିରେ ଗୁଳିମାଡ଼ ହୋଇଛି । ଏହି ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ଜଣକ ହେଲେ କୁଆଁସରପୁର ଅଂଚଳର ସୋମ୍ୟ ରଞ୍ଜନ ସାମଲ । ଅଭିଯୁକ୍ତ ଗୁଳି ମାଡ଼ କରି ଫେରାର ହୋଇଯାଇ ଥିବା ବେଳେ ଗୁରୁତରର ସୋମ୍ୟ ରଞ୍ଜନ ସାମଲଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇ ଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ଏସସିବି ମେଡ଼ିକାଲକୁ ସ୍ଥାନନ୍ତରିତ କରା ଯାଇଛି । ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏବଂ କିଏ ଏହି ଗୁଳିକାଣ୍ଡ କରିଛି ତାହା ମଧ୍ୟ ଜଣାପଡି ନାହିଁ । ଯାଜପୁର ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।

କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସରପଂଚ ଓ ସମିତିସଭ୍ୟା

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୋର ପଂଚାୟତର ବାଇଟାଙ୍ଗୀ ଗ୍ରାମର ଗୌରାଙ୍ଗ ଜେନାଙ୍କ ଝିଅ ତପସ୍ୱିନୀ ଜେନା ନବୋଦୟ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ସ୍ଥାନୀୟ ସରପ□ ଜୟନ୍ତୀ ପତି ଓ ସମିତି ସଭ୍ୟା ଦମୟନ୍ତୀ ସିଂ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପ□ ଅନାଦି ଧଡା, ଆଇନଜିବୀ ପ୍ରହଲ୍ଲାଦ ପତି, ଗୌତମ ନାୟକ, ଗଙ୍ଗାଧର ନାୟକଯଦୁନାଥ ସାମଲ, ଅନାଦି ମାଝି ପ୍ରମୁଖ ଉପସ୍ଥିତ ରହିବା ସହ ତପସ୍ୱନୀ ପାଇଁ ନନ୍ଦୋର ପଂଚାୟତ ଗର୍ବିତ ବୋଲି ପ୍ରକାଶ କରିଥିଲେ ।

ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

ଯାଜପୁର(ନିପ୍ର): ଯାଜପୁର ମଙ୍ଗଳପୁର ଥାନା ଅନ୍ତର୍ଗତ ଥାଳକୁଡି ପଂଚାୟତରେ କସପା ଏବଂ ଢିଅସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ । ତିନି ଦିନ ପୂର୍ବରୁ ଗାଁରେ ହୋଇଥିବା ବାଦି ପାଲାକୁ ନେଇ ବଚସା ହୋଇଥିଲା । ଯାହାକୁ କେନ୍ଦ୍ରକରି ଆଜି କମେଂଟ ମରାକୁ କେନ୍ଦ୍ରକରି ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି । ସ୍ଥାନୀୟ ଅଂଚଳରେ ମଙ୍ଗଳପୁର ପୋଲିସ ପହଂଚିବା ସହ ଆହତ ଲୋକଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠା ଯାଇଛି । ଏବଂ ଗୁରୁତର ଥିବା ଲୋକେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିଚ୍ଛିତ ହେଉଛନ୍ତି ।

ଉଦ୍ଭିଦ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ଅର୍ଥନୀତି ବିଭାଗର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଖୁଂଟା(ନିପ୍ର): ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାୟରେ ଉଦ୍ଭିଦ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ଅର୍ଥନୀତି ବିଭାଗର ମିଳିତ ଆନୁକୁଲ୍ୟରେ ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଅଛି । ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଅଧ୍ୟାପିକା ବାଣୀବ୍ରତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡଃ ହିରଣ୍ମୟୀ ଶତପଥି ମୁଖ୍ୟ ବକ୍ତା ଭାବରେ ଏବଂ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ତପନ କୁମାର ବାରିକ, ଅଶ୍ୱିନୀ ରଞ୍ଜନ ମିଶ୍ର, ଅଧ୍ୟାପିକା ଡଃ ସୁଷମା ହାଁସଦା, ଦେବିରାଣୀ ମହାନ୍ତ, ଡାଏନା ରାଣୀ ବେହେରା ଏବଂ ଡେମୋନଷ୍ଟ୍ରେଟର ସୁଦାମ ଚନ୍ଦ୍ର ରଣା ଏବଂ ମନ କୃଷ୍ଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶେଷ ବର୍ଷର ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ ତଥା ଶୃଙ୍ଖଳିତ ଜୀବନ କାମନା ପୂର୍ବକ ଆମନ୍ତ୍ରିତ ଅତିଥିଗଣ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ତିନି ବିଭାଗର ଏହି ମିଳିତ କାର୍ଯ୍ୟକ୍ରମରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ନୂତନ କମ୍ୟୁନିଟି ହଲ ନଗରପାଳଙ୍କ ଦ୍ୱାରା ଉଦ୍‌ଘାଟିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ପୌରପାଳିକାର ୨ନଂ ୱାର୍ଡ ଷ୍ଟେସନ ବଜାର ବସଷ୍ଟାଣ୍ଡ ଠାରେ ୭ତାରିଖ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ଦ୍ୱାରା ନବ ନିର୍ମିତ କମ୍ୟୁନିଟି ହଲ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ୨ନଂ ୱାର୍ଡ କାଉନସିଲର ସୁରଜ କୁମାର ଚୌରସିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ ପ୍ରତୀପ କୁମାର ପ୍ରଧାନ ଯୋଗ ଦେଇ ପୌରପାଳିକାର କେନ୍ଦ୍ର ସ୍ଥଳ ର ଗୁରୁତ୍ୱ ଥିବା ବେଳେ ସ୍ଥାନ ଅଭାବରୁ ବହୁ ପ୍ରକଳ୍ପର ରୂପରେଖ ହୋଇ ପାରୁ ନ ଥିବା ବେଳେ ଶୌଚାଳୟ କୋଠା ଉପରେ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କମ୍ୟୁନିଟି ହଲ ଟି ନିର୍ମାଣ ହୋଇପାରିଥିବାରୁ କାଉନସିଲର ଶ୍ରୀ ଚୌରସିଆଙ୍କୁ ପ୍ରଶଂସା କରିଥିଲେ । ଏହା ବ୍ୟତୀତ ୨ନଂ ୱାର୍ଡ ଓ ୧୨ନଂ ୱାର୍ଡରେ ଇଲେକ୍ଟ୍ରି ଭେହିକେଲ ଚାର୍ଜ ଷ୍ଟେସନ ନିର୍ମାଣ କରାଯିବ ବୋଲି ନଗରପାଳ ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଆସିଷ୍ଟାଂଟ ଇଂ. ସୁଶୀଲ କୁମାର ମୁର୍ମୁ, ବଣିକ ସଂଘ ସଭାପତି ତଥା ପୂର୍ବତନ କାଉନସିଲର ସୁଧୀର କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି, ପରିମଳ କର୍ମକାର, ଦୀପକ ଚୌରସିଆଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ଯୋଗ ଦେଇଥିଲେ ।

ରକ୍ତଦାନ ଶିବିର ଅନୁଷ୍ଠିତ, ୩୦ ୟୁନିଟ ରକ୍ତ ସଂଗ୍ରହ

ପୁରୀ(ନିପ୍ର): ଓଡ଼ିଆ ପକ୍ଷ ପାଳନର ୮ ମ ଦିବସରେ ପୁରୀ ଜିଲ୍ଲା ପ୍ରଶାସନ ରେଡକ୍ରସ ଶାଖା ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତ ଦାନ ଏକ ମହତ ଦାନ ।ଏଥିପାଇଁ ରକ୍ତ ଦାନ କରି ପ୍ରମାଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ରକ୍ତର ସବୁବେଳେ ଆବଶ୍ୟକତା ରହିଛି । ଅନେକ ଅମୂଲ୍ୟ ଜୀବନ ରକ୍ତ ଅଭାବ ରୁ ନଷ୍ଟ ହୋଇ ଯାଉଛି । ବର୍ତମାନ ଗୋଟିଏ ୟୁନିଟ ରକ୍ତ ରୁ ପୃଥକୀକରଣ ମାଧ୍ୟମରେ ଏକାଧିକ ଜୀବନ ରକ୍ଷା କରା ଯାଇପାରୁଛି । ତେଣୁ ପ୍ରତ୍ୟେକ ରକ୍ତ ଦାନ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ । ଏହି ଶିବିର ରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ଅଧକ୍ଷ ଡା ବିପିନ ବିହାରୀ ଖୁଂଟିଆ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କରେ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରକ୍ତ ଭଣ୍ଡାର ଅଧିକାରୀ ଦୀପକ କୁମାର ସାହୁ, ସାମାଜିକ ଅନୁଷ୍ଠାନ ସମର୍ପଣ ର ସମ୍ପାଦିକା ଜୟନ୍ତୀ ମହାପାତ୍ର, ସମ୍ପର୍କ ର ସମ୍ପାଦକ ସୌମେନ୍ଦ୍ର ଦାସ, ସୁକାନ୍ତ କୁମାର ଦାଶ, ଶ୍ୟାମ ପ୍ରକାଶ ସେନାପତି, ବାଇଧର ମହାପାତ୍ର ପ୍ରମୁଖ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ । ଏହି ଶିବିର ରେ ସୂରଜମଲ୍ଲ ସାହା, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମାନେ ରକ୍ତ ଦାନ କରିଥିଲେ । ଏହି ଅବସରରେ ସେଂଟ ଜନ ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ସଚେତନତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ସର୍ବଜିତ୍ ଜେନା, ଶୁଭମ୍ ଦୋରା, ମନମୋହନ ସାହୁ, ବିଶ୍ୱନାଥ ନାୟକ, ସୌରଭ ପାତ୍ର, ପ୍ରିୟାଂଶୁ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଶିବିର ପରିଚାଳନା ରେ ସହଯୋଗ କରିଥିଲେ ।

କଂଗ୍ରେସର କର୍ମୀ ସମାବେଶ ଅନୁଷ୍ଠିତ

ବାଲିଆପାଳ(ନିପ୍ର): ଆଗାମୀ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲିଆପାଳ ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ପଂଚାୟତରେ ପଂଚାୟତ ସ୍ତରୀୟ ସାଂଗଠନିକ କର୍ମୀ ସମାବେଶ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷିରେ ବୁଧବାର ବାଲିଆପାଳ ବ୍ଲକ ଛକ ରେ ଥିବା ଶୁଭମ ଗେଷ୍ଟ ହାଉସରେ ବିଷ୍ଣୁ ପୁର ପଂଚାୟତ କଂଗ୍ରେସ ଦଳର ଏକ ସାଙ୍ଗଠନିକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲିଆପାଳ ବ୍ଲକ କଂଗ୍ରେସ ପାର୍ଟି ସଭାପତି ମୁରଲୀ ମୋହନ ସାହୁ, ବସ୍ତା ନିର୍ବାଚନ ମଣ୍ଡଳୀୟ ନେତା

ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ରବି ନାରାୟଣ ମହାନ୍ତି, ବିଷ୍ଣୁପୁର ପଂଚାୟତର କଂଗ୍ରେସ ସଭାପତି ଜୀବନ କୁମାର ଦାସ, ବିଷ୍ଣୁପୁର ପଂଚୟତର ବରିଷ୍ଠ କଂଗ୍ରେସ ନେତା ମନ୍ମଥ ଖିଲାର ପ୍ରମୁଖ ଯୋଗ ଦେଇ ବିଷ୍ଣୁପୁର ପଂଚାୟତରେ କଂଗ୍ରେସ ଦଳକୁ ତୃଣ ମୂଳ ସ୍ତରରୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମାବେଶରେ ବିଷ୍ଣୁପୁର ପଂଚାୟତର ବହୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ହୋଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ସପଥ ଗ୍ରହଣ କରିବା ସହିତ ଦଳକୁ ସୁଦୃଢ କରିବା ପାଇଁ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ ।

କମଳା ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ପାଇଁ ନିବେଶ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଅରୁଣାଚଳ ପ୍ରଦେଶର କାମଲେ , କ୍ରା ଦାଦି ଏବଂ କୁରୁଙ୍ଗ କୁମେ ଜିଲ୍ଲାରେ କମଳା ଜଳ ବିଦ୍ୟୁତ୍ ପ୍ରକଳ୍ପ (ଏଚଇପି) ନିର୍ମାଣ ପାଇଁ ୨୬,୦୬୯.୫୦ କୋଟି ଟଙ୍କାର ନିବେଶକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପର ସମାପ୍ତି ଅବଧି ୯୬ ମାସ ହେବ ବୋଲି ଆକଳନ କରାଯାଇଛି । ୧୭୨୦ ମେଗାୱାଟ (୮ ଘ ୨୧୦ ମେଗାୱାଟ ଏବଂ ୧ ଘ ୪୦ ମେଗାୱାଟ) ସ୍ଥାପିତ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପରୁ ୬୮୭୦ ଏମୟୁ ଶକ୍ତି ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ଅରୁଣାଚଳ ପ୍ରଦେଶ ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ସ୍ଥିତିକୁ ସୁଦୃଢ଼ କରିବ, ସର୍ବାଧିକ ଚାହିଦା ପରିଚାଳନାରେ ସହାୟତା କରିବ, ଜାତୀୟ ଗ୍ରୀଡ୍ ସନ୍ତୁଳନରେ ଯୋଗଦାନ ଦେବ ଏବଂ ବ୍ରହ୍ମପୁତ୍ର ଉପତ୍ୟକାରେ ବନ୍ୟା ନିୟନ୍ତ୍ରଣ ଲାଭ ପ୍ରଦାନ କରିବ । କମଳା ଏଚଇପି ବ୍ୟତୀତ, ଅନ୍ୟାନ୍ୟ ଜଳ ବିଦ୍ୟୁତ ପ୍ରକଳ୍ପ - ସୁବାନସିରି ଲୋୟର (୨୦୦୦ ମେଗାୱାଟ), ଦିବାଙ୍ଗ ବହୁମୁଖୀ (୨୮୮୦ ମେଗାୱାଟ) ନିର୍ମାଣାଧୀନ ଅଛି, ଏବଂ ଏଟାଲିନ୍ (୩୦୯୭ ମେଗାୱାଟ) ପ୍ରକଳ୍ପ ଅରୁଣାଚଳ ପ୍ରଦେଶରେ ଏନଏଚପିସି ଲିମିଟେଡ୍ ଦ୍ୱାରା ବିକଶିତ କରାଯିବାର ଯୋଜନା ରହିଛି । କମଳା ଏଚଇପି ଏନଏଚପିସି ଲିମିଟେଡ୍ ଏବଂ ଅରୁଣାଚଳ ପ୍ରଦେଶ ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ କମ୍ପାନୀ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ । ଭାରତ ସରକାର ବନ୍ୟା ନିୟନ୍ତ୍ରଣ ଉପାଦାନ ପାଇଁ ବଜେଟ ସହାୟତା ଭାବରେ ୪,୭୪୩.୯୮କୋଟି ଟଙ୍କା ଏବଂ ରାସ୍ତା, ସେତୁ ଏବଂ ସମ୍ପୃକ୍ତ ପରିବହନ ବ୍ୟବସ୍ଥା ନିର୍ମାଣ ଭଳି ଭିତ୍ତିଭୂମିକୁ ସକ୍ଷମ କରିବା ପାଇଁ ବଜେଟ ସହାୟତା ଭାବରେ ୧,୩୪୦ କୋଟି ଟଙ୍କା ପ୍ରଦାନ କରିବେ । ଏହା ବ୍ୟତୀତ ରାଜ୍ୟର ଇକ୍ୱିଟି ଅଂଶ ପାଇଁ ୭୫୦ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ । ରାଜ୍ୟକୁ ୧୨% ମାଗଣା ବିଦ୍ୟୁତ୍ ଏବଂ ସ୍ଥାନୀୟ କ୍ଷେତ୍ର ବିକାଶ ପାଣ୍ଠି (ଏଲଏଡିଏଫ୍) ପାଇଁ ଅତିରିକ୍ତ ୧% ମିଳିବ । ଏହା ସହିତ ଏହି ଅଂଚଳର ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ବିକାଶ କରାଯିବ ଏବଂ ସାମାଜିକ-ଆର୍ଥିକ ଲାଭ ମିଳିବ । ଅରୁଣାଚଳ ପ୍ରଦେଶର କାମଲେ , କ୍ରା ଦାଦି ଏବଂ କୁରୁଙ୍ଗ କୁମେ ଜିଲ୍ଲାର ଭିତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହେବ , ଯେଉଁଥିରେ ପ୍ରାୟ ୧୯୬ କିଲୋମିଟର ରାସ୍ତା ଏବଂ ସେତୁର ବିକାଶ ଅନ୍ତର୍ଭୁକ୍ତ । ଏହା ପ୍ରାୟତଃ ସ୍ଥାନୀୟ ଅଂଚଳରେ ବ୍ୟବହାର ପାଇଁ ଉପଲବ୍ଧ ହେବ । ୮ କୋଟି ଟଙ୍କାର ଏକ ସମର୍ପିତ ପ୍ରକଳ୍ପ ପାଣ୍ଠି ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଥିବା ହସ୍ପିଟାଲ, ସ୍କୁଲ, ବଜାର ଇତ୍ୟାଦି ଅତ୍ୟାବଶ୍ୟକ ଭିତିଭୂମି ନିର୍ମାଣରୁ ମଧ ଜିଲ୍ଲା ଉପକୃତ ହେବ । ସ୍ଥାନୀୟ ଜନସାଧାରଣ କ୍ଷତିପୂରଣ, ନିଯୁକ୍ତି ଏବଂ ସିଏସଆର୍ କାର୍ଯ୍ୟକଳାପରୁ ମଧ ଲାଭବାନ ହେବେ । କମଳା ଏଚଇପି ବ୍ୟତୀତ, ଅରୁଣାଚଳ ପ୍ରଦେଶ ଏବଂ ଆସାମରେ ଏନଏଚପିସି ଲିମିଟେଡ୍ ଦ୍ୱାରା ତିନୋଟି ପ୍ରମୁଖ ଜଳବିଦ୍ୟୁତ ପ୍ରକଳ୍ପ - ସୁବାନସିରି ଲୋୟର (୨୦୦୦ ମେଗାୱାଟ), ଦିବାଙ୍ଗ ବହୁମୁଖୀ (୨୮୮୦ ମେଗାୱାଟ), ଏବଂ ଏଟାଲିନ୍ (୩୦୯୭ ମେଗାୱାଟ) ବିକଶିତ କରାଯାଉଛି । ସୁବାନସିରି ଲୋୟର ଏଚଇପି (୨୦୦୦ ମେଗାୱାଟ) ଏକ ଉନ୍ନତ ପର୍ଯ୍ୟାୟରେ ଅଛି ଯାହାର ୭୫୦ ମେଗାୱାଟ ପୂର୍ବରୁ କାର୍ଯ୍ୟକ୍ଷମ ହୋଇସାରିଛି ଏବଂ ଅବଶିଷ୍ଟ କ୍ଷମତା ଡିସେମ୍ବର ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି । ସମସ୍ତ ପ୍ରକଳ୍ପ ଆୟୋଜକ ରାଜ୍ୟଗୁଡ଼ିକୁ ୧୨% ମାଗଣା ବିଦ୍ୟୁତ୍ ଯୋଗାଇବ ଏବଂ ପ୍ରକଳ୍ପ ରାଜସ୍ୱର ୧% ସମକକ୍ଷ ସ୍ଥାନୀୟ କ୍ଷେତ୍ର ବିକାଶ ପାଣ୍ଠି ମାଧ୍ୟମରେ ସ୍ଥାନୀୟ ବିକାଶକୁ ସମର୍ଥନ କରିବ ।

ରାସ୍ତା କଡ଼ରେ ଟ୍ରକ ଡମ୍ଫର ପାର୍କିଂ: ଟ୍ରାଫିକ ଜାମର ମୁଖ୍ୟ କାରଣ

ସୋର(ନିପ୍ର): ସୋର ଜାତୀୟ ରାଜ ପଥ ଉତରେଶ୍ୱର ବରଫକଳଛକ ଠାରୁ ତହସିଲ ଅଫିସ ପର୍ଯ୍ୟନ୍ତ ରାସ୍ତାର ଉଭୟ ସର୍ଭିସ୍ ରୋଡ଼ରେ ଶତାଧିକ ଟ୍ରକ ଡମ୍ଫର ଦୀର୍ଘ ଦିନ ଧରି ଛିଡ଼ା ହୋଇ ରହିଥିବା ବେଳେ ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଛି । ବିଶେଷ କରି ସୋର ଥାନା ଏବଂ ତହସିଲ ଦ୍ୱାରା ଜବତ ହେଉଥିବା ଚୋରା ପଥର ଏବଂ ବାଲି ଟ୍ରକ, ଡମ୍ଫର ଓ ଟ୍ରାକ୍ଟରଗୁଡ଼ିକୁ ଜବତ କରି ଅନ୍ୟତ୍ର ନରଖି ସାମ୍ନା ସରଭିସ୍ ରାସ୍ତା ଉପରେ ଦୀର୍ଘଦିନ ଧରି ଛିଡ଼ା କରେଇବା ଫଳରେ ସର୍ଭିସ ରୋଡ଼ ଓ ଡ୍ରେନ୍ କାମ ହୋଇ ନଥିବା କାରଣରୁ ଗାଡ଼ି ମଟର, ବାଇକ, ଅଟୋ ଏବଂ ଚାଲିଚାଲି ଯିବା ଆସିବା ବେଳେ ଲୋକମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହା ବ୍ୟତୀତ ପଥର ଖାଦାନ ବନ୍ଦ ହୋଇଥିବା କାରଣରୁ ଅଧିକାଂଶ ଟ୍ରକ ଡମ୍ଫର ମାଲିକମାନେ ସେମାନଙ୍କ ଗାଡ଼ିଗୁଡ଼ିକୁ ନିଜ ଜାଗାରେ ନରଖି ରାସ୍ତାକଡ଼ରେ ଛିଡ଼ା କରେଇ ଥିବାରୁ ଅଧିକାଂଶ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି । ପ୍ରଶାସନ ତରଫରୁ ଏହି ସବୁ ଗାଡ଼ିଗୁଡ଼ିକୁ ରାସ୍ତାକଡ଼ରୁ ହଟେଇବା ପାଇଁ ସାଧାରଣରେ ଦାବି ହୋଇଛି ।

ବର୍ଣ୍ଣବୋଧ ପାଳନ ଓ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା କ୍ଷମା ମେହେର ଡିଗ୍ରୀ କଲେଜ୍ ତୁକଲା ଠାରେ ବର୍ଣ୍ଣବୋଧ ପାଳନ ଓ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବର୍ଣ୍ଣବୋଧ ଉତ୍ସବ ପାଳନ ସଭାରେ ଓଡ଼ିଆ ଅଧ୍ୟାପିକା ଡିଲେଶ୍ୱରି ରଣା ଶୁଦ୍ଧ ଲିଖନ ଉପରେ ଅଭିଭାଷଣ ରଖିଥିଲେ । ଅଧ୍ୟାପିକା ସ୍ମିତା ଜଗତ, ଅଧ୍ୟାପକ ଦୁଧେଶ୍ୱର୍ ସାହୁ ଓଡ଼ିଆ ଭାଷା ବିକାଶରେ ବର୍ଣ୍ଣବୋଧର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ରକ୍ତ ଦାନର ପ୍ରାସଙ୍ଗିକତା ଉପରେ ଡଃ ରମାକାନ୍ତ ପ୍ରଧାନ, ଅଧ୍ୟାପକ ହେମାରାଜ୍ ସାହୁ, ଦୁଧେଶ୍ୱର ସାହୁ, ସ୍ମିତା ଜଗତ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ଅଧକ୍ଷ ଡ଼ଃ ରବୀନ୍ଦ୍ର କୁମାର ମିଶ୍ର ସଭାକାର୍ଯ୍ୟ ପରିଚାଳନା ସହ ଆଗାମୀ ଦିନରେ ରକ୍ତଦାନ କାର୍ଯ୍ୟକ୍ରମ ହେବାର ପ୍ରତିଶ୍ରୁତି ଦେଇଥିଲେ ।

ମୁଖ୍ୟ ଡ଼ାକ ଘରେ ଅବ୍ୟବସ୍ଥା ନେଇ ଉପଭୋକ୍ତାଙ୍କ ଅସନ୍ତୋଷ

ଧାମନଗର(ନିପ୍ର): ଧାମନଗର ଅଂଚଳର ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ଭରସା ଯୋଗ୍ୟ ଧାମନଗର ମୁଖ୍ୟ ଡାକଘର ଏବେ ସଂପୂର୍ଣ୍ଣ ଅଚଳ ହୋଇପଡ଼ିଛି । କିଛିଦିନ ହେବ ପୋଷ୍ଟ ଅଫିସ୍ ଏକ ପ୍ରକାର ଅଚଳାବସ୍ଥା ରହିଥିବାର ଦେଖିବାକୁ ମିଳିଛି ଫଳରେ ସାଧାରଣ ଲୋକ ଏବଂ ବରିଷ୍ଠ ନାଗରିକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶନି, ସୋମ ଓ ମଙ୍ଗଳବାର ଦିନ ଦୁଇଜଣ ଅଧିକାରୀ ଛୁଟିରେ ରହିଥିବାରୁ କେବଳ ସବ୍-ପୋଷ୍ଟ ମାଷ୍ଟର ଏକୁଟିଆ ଉପସ୍ଥିତ ରହୁଛନ୍ତି, ଯାହାଫଳରେ ଗ୍ରାହକଙ୍କୁ ସେବା ଯୋଗାଇବା ସମ୍ଭବ ହେଉନାହିଁ । ଏଠାରେ ଏଡି ଓ ପୋଷ୍ଟକାର୍ଡ ମଧ ମିଳୁନାହିଁ । ଦୈନିକ ଶହ ଶହ ଜମାକାରୀ, ଉଠାଣକାରୀ, ରେଜେଷ୍ଟ୍ରି ଓ ସ୍ପିଡ୍ ପୋଷ୍ଟ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି । ଦୂର ଦୂରାନ୍ତରୁ ପ୍ରଖର ଖରାରେ ଚାଲି ଚାଲି ଆସୁଥିବା ବରିଷ୍ଠ ନାଗରିକମାନେ ଦ୍ୱିତୀୟ ମହଲାରେ ଥିବା ଏହି ଅଫିସକୁ ଆସି କାମ ନହେବା ଦେଖି ଦୀର୍ଘ ନିଶ୍ୱାସ ଛାଡ଼ି ଫେରୁଛନ୍ତି । ଏହି ପୁରାତନ ଡାକଘରର ଏଭଳି ଅଚଳାବସ୍ଥା ପଛର ସାଧାରଣ ଲୋକ ମାନେ ଅତିଷ୍ଠ ହୋଇ ପଡ଼ିଲେଣି । କର୍ମଚାରୀଙ୍କ ଉପରେ ସବ୍-ପୋଷ୍ଟ ମାଷ୍ଟରଙ୍କ ନିୟନ୍ତ୍ରଣର ଅଭାବ ନା ଅନ୍ୟ କୌଣସି ବିଭାଗୀୟ ଅବହେଳା । ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଅଂଚଳବାସୀ ଦାବି କରୁଛନ୍ତି । ସୂଚନା ଥାଉକି ଏହି ମୁଖ୍ୟ ଡ଼ାକ ଘର ଟି ଦୁଇତାଲା ଉପରେ କରା ଯାଇ ଥିବାରୁବି ଅନେକ ବୃଦ୍ଧ, ବରିଷ୍ଠ ନାଗରିକ,ଭିନ୍ନକ୍ଷମ ମାନେ ସିଡି ଚଢି ଜିବା ସମ୍ଭବ ହୋଇ ପାରୁନି, ପୂର୍ବ ରୁ ଥାନା ପାଖରେ ଏହି ଡ଼ାକ ଘର ଚାଲି ଥିବାବେଳେ ଅନେକ ଲୋକ ସହଜରେ ସେବା ପାଉଥିଲେ । ହେଲେ ବିଭାଗ ନୂତନ କୋଠା ଘରରେ ଧାମନଗର ବାଳିକା ହାଇସ୍କୁଲ ପାଖକୁ ସ୍ଥାନାନ୍ତର ହୋଇଛି । ହେଲେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି ଏ ଦିଗରେ ତୁରନ୍ତ ଉଚ୍ଚ ଅଧିକାରି ବିହିତ ପଦକ୍ଷେପ ନେବାକୁ ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା ଦାବି କରିଛନ୍ତି ଏହାର ତୁରନ୍ତ ପଦକ୍ଷେପ ନିଆ ନ ଗଲେ ପରବର୍ତୀ ସମୟରେ ସାଧାରଣ ଲୋକ ମାନେ ରାଜରାସ୍ତା ଯିବେ ବୋଲି ଶ୍ରୀ ବେହେରା ଅଭିଯୋଗ କରିଛନ୍ତି ।

ନୂତନ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଓ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ

କେନ୍ଦୁଝର(ନି.ପ୍ର.)ତେଲକୋଇ ବ୍ଲକ ମୁଖ୍ୟାଳୟର ନିର୍ମାଣାଧୀନ ପାଠାଗାର ଠାରେ କେନ୍ଦୁଝର ଜିଲ୍ଲାର ନୂତନ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଙ୍କୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟୀତ୍ୱ ମିଳିବା ପରେ ଭାରତୀୟ ଜନତା ପାର୍ଟି ଏବଂ ବ୍ଲକ ର ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓରିଆ ପଂଚାୟତ ଧନୁର୍ଜୟପୁର ହନୁମାନ ବାଟିକା ରେ ପୂଜାର୍ଚ୍ଚନା ପରେ ଡାକ୍ତର ଫକୀର ମୋହନ ନାଏକ ଏକ ବିରାଟ ପଟୁଆର ରେ ବିର୍ସା ??ମୁଣ୍ଡା ଛକ ଦେଇ ଭୁୟାଁ ସାହି ଦେଇ ଡାକ ବଙ୍ଗଳା ପରେ ବଜାର ଅଂଚଳ ଦେଇ ଜଗନ୍ନାଥ ମନ୍ଦିର ଦେଇ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ସାମ୍ନା ନିର୍ମାଣାଧୀନ ପାଠାଗାର ରେ ପହଂଚିଥିଲେ । ସେଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଓ ତହସିଲଦାର ଅନୁପମା ମୁର୍ମୁଙ୍କ ସମେତ ଅନ୍ୟ ଅଧିକାରୀ ମାନେ ତାଙ୍କୁ ସମ୍ବର୍ଦ୍ଧିତ କରିବା ପରେ ତେଲକୋଇ ବ୍ଲକ

ଭାରତୀୟ ଜନତା ପାର୍ଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଓଡିଶା ଜୀବିକା ମିଶନ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ରାଷ୍ଟ୍ରବାଦୀ ଶିକ୍ଷକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ଏକଲ ବିଦ୍ୟାଳୟ, ତେଲାକାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗମୋହନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ସ୍ୱେଚ୍ଛାସେବୀ ସଙ୍ଗଠନ ଆର.ଭି.ଡି.ଓ ଏବଂ ଡ୍ୱାର୍ଡ, ବଡପାହାଡ ସାଂସ୍କୃତିକ ସଙ୍ଗଠନ ଓ ତୈଳିକ ସମାଜ ପକ୍ଷରୁ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲାକାଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଙ୍କୁ ମଙ୍ଗଳବାର ସମ୍ମାନିତ କରାଯାଇଛି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ଭାରତୀୟ ଜନତା ପାର୍ଟିର ମିଶ୍ରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣପର୍ବ ରେ ଅବସରପ୍ରାପ୍ତ ସେନା ଅଧିକାରୀ, ଅବସରପ୍ରାପ୍ତ ଶିକ୍ଷକ, ସମିତି ସଭ୍ୟ ଓ ପୂର୍ବତନ ସରପଂଚ ଙ୍କ ସମେତ ସମୁଦାୟ ୨୧୪ ଜଣ ବିଜେଡି ଓ କଂଗ୍ରେସ ଛାଡି ବି.ଜେ.ପି ରେ ଯୋଗ ଦେଇଛନ୍ତି । ଏହି ସମ୍ବର୍ଦ୍ଧନା ଓ ମିଶ୍ରଣ ଉତ୍ସବ କାର୍ଯ୍ୟକ୍ରମ ରେ ଅତିଥି ଭାବ ବିଜେପିର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଧାରଣ ସମ୍ପାଦକ ଜସସ୍ୱିନୀ ବଳ, ତେଲକୋଇ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜେପିର ଜିଲ୍ଲା ସମ୍ପାଦିକା ଛେଳିବାଳା ନାୟକ, ପୂର୍ବତନ ଜିଲ୍ଲା ଯୁବ ସଭାପତି ହେମରଞ୍ଜନ ବାରିକ, ତେଲକୋଇ ମଣ୍ଡଳ ଉପସଭାପତି ସୁବାସ ବେହେରା, ସାଂସଦଙ୍କ ତେଲକୋଇ ବ୍ଲକ ପ୍ରତିନିଧି ହରିହର ପ୍ରଧାନ, ହରିଚନ୍ଦନପୁର ବ୍ଲକ ପ୍ରତିନିଧି ବିଜୟ ସାହୁ, ବାଂଶପାଳ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ମହାକୁଡ, ତେଲକୋଇ ବ୍ଲକ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ହରିଚନ୍ଦନପୁର ବ୍ଲକ ର ପ୍ରତିନିଧି ଶିରିଶ କୁମାର ସାହୁ ଓ ବାଂଶପାଳ ବ୍ଲକର ପ୍ରତିନିଧି ଉମାକାନ୍ତ ବାରିକ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ କୁ ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ, ମଣ୍ଡଳ ଉପସଭାପତି ଚକ୍ରଧର ପ୍ରଧାନ, ପୂର୍ବତନ ମଣ୍ଡଳ ଯୁବ ସାପତି କ୍ରିଷ୍ଣାପ୍ରସାଦ ସାହୁ, ପୂର୍ବତନ ସିରିଗିଡା ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ସାହୁ ଓ ସିରିଗିଡା ମଣ୍ଡଳ ସାଧାରଣ ସମ୍ପାଦକ ରଞ୍ଜନ କୁମାର ପ୍ରଧାନ, ସନ୍ତୋଷ ଦେହୁରୀ, ତପନ ସାହୁ, ସତ୍ୟପ୍ରିୟ ବିଶୋଇ, ଜିତେନ୍ଦ୍ର ସ୍ୱାଇଁ ଓ ବାପୁନ ସାହୁ ଙ୍କ ସହଯୋଗ ରେ ସଫଳ ରୂପାୟନ ହୋଇଛି । କାର୍ଯ୍ୟକ୍ରମ ରେ ପୂର୍ବତନ ଜିଲ୍ଲା ଉପୁଭାପତି ପ୍ରଫୁଲ୍ଲ କୁମାହୁ ମଂଚ ପରିଚାଳନା କରିଥିବା ବେଳେ ତେଲାକାଇ ମଣ୍ଡଳ ସାଧାରଣ ସମ୍ପାଦକ ବିକ୍ରମ ଚୌହାନ ଓ ଅର୍ଜୁନ ମହାକୁଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତେଲାକାଇ ଆରକ୍ଷୀ ବିଭାଗ ପକ୍ଷରୁ ନିଜେ ଥାନା ଅଧିକାରୀ ସଦଳବଳେ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ ଓ ସୃଙ୍ଖଳା ରକ୍ଷା କରିଥିଲେ ।

ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର ଆୟୋଜିତ: ସାମିଲ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନ

କେନ୍ଦୁଝର(ନି.ପ୍ର.) ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବୁଧବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଅଭିଯାନରେ ଜିଲ୍ଲାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ??ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ । ମୋଟ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଏଥିମଧ୍ୟରୁ ଜିଲ୍ଲା ରକ୍ତ ଭଣ୍ଡାରରୁ ୧୫ ୟୁନିଟ୍, ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରୁ ୨୭ ୟୁନିଟ୍, ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ ୟୁନିଟ୍ ଏବଂ ଦରବାର ହଲ୍ ?ଠାରେ ଆୟୋଜିତ ଶିବିରରୁ ୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସଂଗୃହୀତ ରକ୍ତକୁ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷା ତଥା

ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପଠାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରକ୍ତଭଣ୍ଡା ଅଧିକାରୀ ଡାକ୍ତର ରବିମଙ୍ଗତ ମାରାଣ୍ଡି, ରକ୍ତକେନ୍ଦ୍ର ସମ୍ପାଦକଏଆର ଖାନ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଯୁବ ରେଡକ୍ରସ କାଉନସିଲର, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ରେଡକ୍ରସ ଅଧିକାରୀ, ସମାଜ ସେବୀ ଡାକ୍ତର ସଂଜୀବ ଓତା, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ସୂର୍ଯ୍ୟଙ୍କିତା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଅତିଥିମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ରକ୍ତଦାତାଙ୍କୁ ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରିଥିଲେ ।ଏହି ଅଭିଯାନକୁ ସଫଳ କରିବାରେ ଜିଲ୍ଲା ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରକ୍ତକେନ୍ଦ୍ରର ବୈଷୟିକ କର୍ମଚାରୀମାନଙ୍କ ସହାୟତାରେ ରକ୍ତ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

ନବନିଯୁକ୍ତ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ପ୍ରଥମ ସମୀକ୍ଷା ବୈଠକ

ଯାଜପୁର(ନି.ପ୍ର.))ଓଡ଼ିଶାର ସାମଗ୍ରିକ ପ୍ରଗତିର ଇଞ୍ଜିନ ସାଜିଛି ଯାଜପୁର ଜିଲ୍ଲା । ଆଗାମୀ ୩ ବର୍ଷ ଭିତରେ କିଭଳି ଉନ୍ନୟନମୂଳକ ଯୋଜନା କରିବାକୁ ପଡିବ, ସେ ଦିଗରେ ଆଲୋଚନା କରିବାକୁ ହେବ । ବିକାଶର କୌଣସି ଦଳ ନଥାଏ ଓ ଲୋକଙ୍କ ଟିକସ ଅର୍ଥକୁ ସଠିକ୍ ଭାବେ ଲୋକଙ୍କ ବିକାଶ ଦିଗରେ ବିନିଯୋଗ କରିବା ପାଇଁ ଆମେ ଉତରଦାୟୀ ବୋଲି ନବନିଯୁକ୍ତ ଯାଜପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କହିଛନ୍ତି । ଆଜି କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ସମୀକ୍ଷା ବୈଠକରେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଲୋକକଲ୍ୟାଣକାରୀ ଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରଥମେ ଯୋଜନା କମିଟି ଅଧ୍ୟକ୍ଷଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଆକାଶ ଦାସ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ବିଧାୟକ ଶ୍ରୀ ଦାସନାୟକ କହିଥିଲେ ଯେ ପ୍ରଶାସନଠାରୁ ଯାଜପୁର ଜିଲ୍ଲାବାସୀଙ୍କ ଅନେକ ଆଶା ଓ ଆକାଂକ୍ଷା ରହିଛି । ଅତୀତରେ ଯାଜପୁର ଜିଲ୍ଲା ସାରା ଓଡ଼ିଶାକୁ ଦିଗଦର୍ଶନ ଦେଇଛି । ସ୍ୱଳ୍ପ ମିଆଦୀ, ମଧ୍ୟମ ମିଆଦୀ ଏବଂ ଦୀର୍ଘ ମିଆଦୀ- ଏହି ଭଳି ତିନୋଟି ଉପାୟରେ ଯୋଜନା କରିବାକୁ ପଡ଼ିବ । ସ୍ୱଳ୍ପମିଆଦୀ ଯୋଜନାରେ ଯେଉଁସବୁ ଅଧୁରା କାମ ଆମର ରହିଯାଉଛି, ସେଗୁଡ଼ିକୁ ସାରିବାକୁ ହେବ ବୋଲି ବିଧାୟକ କହିଥିଲେ । ସାଇନ୍ସ ପାର୍କ ଭଳି ଆଉ କିଛି ପ୍ରକଳ୍ପ ଯାହା ରାଜ୍ୟ ସ୍ତରରେ ଅନୁମୋଦନ ବା ସହଯୋଗ ଅପେକ୍ଷାରେ ରହିଛି, ସେଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ପ୍ରତିବର୍ଷ ବନ୍ୟାରୁ

ମୁକ୍ତି ପାଇବା ପାଇଁ ଏକ ବ୍ୟାପକ ଯୋଜନା ବାହାର କରିବାକୁ ହେବ ବୋଲି ବିଧାୟକ କହିଥିଲେ । ଏହାସହ ମ୍ୟାନେଜମେଂଟ ଟାସ୍କର 'ଷ୍ଟ୍ରେନ୍ଥ, ୱିକନେସ, ଅପର୍ଚୁନିଟି ଓ ଥ୍ରେଟ୍' ବିଶ୍ଲେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଯାଜପୁର ଜିଲ୍ଲାରେ ଏକ ଦକ୍ଷ ମାନବ ସମ୍ବଳ ଏବଂ ପାଣ୍ଠି ରହିଛି । ଦୁର୍ବଳତା ଏବଂ ବିପଦକୁ ଆମେ ଚିହ୍ନଟ କରିବାକୁ ପଡିବ । ଏକ ପ୍ରଗତିଶୀଳ ସରକାରରେ ଆମ ପାଖରେ ଅନେକ ସମ୍ଭାବନା ମଧ୍ୟ ଅଛି ବୋଲି ଶ୍ରୀ ଦାସ ନାୟକ କହିଥିଲେ । ପାଣ୍ଠିର ସଦୁପଯୋଗ ଏବଂ ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ କିଛି ଦିନ ମଧ୍ୟରେ ନିଜ ନିଜ ବିଭାଗର ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ମନୋଜ କୁମାର ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ, କୋରେଇ ବିଡ଼ିଓ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସଭା ଶେଷରେ କୋରେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

୧୫ ତମ ଶିକ୍ଷକ ସମନ୍ୱୟ ସମିତି ବୈଠକ

ଲଙ୍ଗଳେଶ୍ୱର (ନି.ପ୍ର)ଶିକ୍ଷକ ସମନ୍ୱୟ ସମିତି, ବାଲିଆପାଳ ପକ୍ଷରୁ ଆଜି ୧୫ ତମ ପ୍ରତିଷ୍ଠା ଦିବସ ଗଦାଧର ଗିରି ଉଚ୍ଚବିଦ୍ୟାପୀଠ ସୂନାରୁଇ ଠାରେ ଅନୁଷ୍ଠିତ ହୋଇଯାଇଛି । ତେବେ ଉକ୍ତ ପ୍ରତିଷ୍ଠା ଦିବସରେ ମୁଖ୍ୟ

ଅତିଥି ଭାବରେ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ସାମଲ୍ ଯୋଗ ଦେଇଥିଲେ । ତେବେ ବର୍ତ୍ତମାନ ଶିକ୍ଷକମାନେ ବହୁ ବାଧା ବିଘ୍ନ ତଥା ସମସ୍ୟା ଦେଇ ଗତିକରୁଥିବା ବେଳେ, ସରକାର ଙ୍କ ଠାରେ ଏକତ୍ରିତ ହୋଇ ନିଜର ଅଧିକାର ନେଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ ।

ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ 'ଓଡ଼ିଆ ଭାଷା ପକ୍ଷ' ଅବସରରେ ରକ୍ତଦାନ ଶିବିର

ଝାରସୁଗୁଡ଼ା(ନି.ପ୍ର.)'ଓଡ଼ିଆ ଭାଷା ପକ୍ଷ-୨୦୨୬' ପାଳନ ଅବସରରେ ଆଜି ଝାରସୁଗୁଡ଼ା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି । ଏହି ଅବସରରେ ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ । ମହାବିଦ୍ୟାଳୟର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଟିମ୍ ଏବଂ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

ବାଲିଆପାଳରେ ପଦ୍ମଶ୍ରୀ ବାବା ବଳିଆଙ୍କ ୭୫ ତମ ଜୟନ୍ତୀ ପାଳିତ

ବାଲିଆପାଳ, (ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅନନ୍ତ ବଳିଆ ସେବା ସଂଘ ପକ୍ଷରୁ ବୁଧବାର ହନୁମାନ ମନ୍ଦିର ପରିସରରେ ଥିବା ଅନନ୍ତ ବଳିଆ ସେବା ସଂଘ ପରିସରରେ ପରମପୂଜ୍ୟ ଶ୍ରୀଶ୍ରୀ ଗୁରୁଦେବ ପଦ୍ମଶ୍ରୀ ବାବା ବଳିଆଙ୍କ ୭୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସରରେ ପ୍ରଭାତରୁ ଶିଶୁ ଅନନ୍ତଙ୍କ ପୂଜାର୍ଚ୍ଚନା ପରେ ଗୁରୁ ଗୋବିନ୍ଦଙ୍କ ଅଭିଷେକ, ନାରାୟଣ ସେବା, ସାମୂହିକ ପ୍ରାର୍ଥନା ଓ ସତସଙ୍ଗ ଆଦି କାର୍ଯ୍ୟକ୍ରମ କରାଯିବା ସହିତ ବାବା ବଳିଆଙ୍କ ସୁସ୍ଥ ନିରାମୟ ନିରୋଗ ଜୀବନ ଯାପନ ପାଇଁ ଶିଶୁ ଅନନ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବାବା ବଳିଆଙ୍କ ଶିଷ୍ୟମାନେ ସାମୁହିକ ପ୍ରସାଦ ସେବନ କରିଥିଲେ ।କମିଟିର ସଭାପତି ମନ୍ମଥ କୁମାର ନାୟକ ଉପଦେଷ୍ଟା ମନୋଜ କୁମାର ସି ,ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ,କୋଷାଧ୍ୟକ୍ଷ ସୁନୀଲ କୁମାର ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସଙ୍ଘର ଅନ୍ୟ ସଦସ୍ୟ ଅଜୟ କୁମାର ସି, ବିଜୟ କୁମାର ପ୍ରଧାନ,ରାମ ଚନ୍ଦ୍ର ଦାସ,ବିଜୟ ସାହୁ,ସୁପ୍ରିୟା ସାହୁ, ସୁଜାତା ରାଣୀ ସି, ରୁନାଖୀ ପ୍ରଧାନ, ଶ୍ରୀଧର ଘଡାଇଙ୍କ ସହିତ ଅନ୍ୟ ସଦସ୍ୟଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଥିଲା ।

ଶିଶୁ କଥା ଦିବସ ଅବସରରେ ମଧୁ ବର୍ଣ୍ଣବୋଧ ଓ ଶିଶୁ ଲେଖା ବହି ବଂଟନ

ବ୍ରହ୍ମପୁର(ନି.ପ୍ର.) ସ୍ଥାନୀୟ ଚାଚା ନେହେରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଡି ଆଇ ଟି ଇ (ଉଓଞ୍ଚର)ଖଲ୍ଲିକୋଟ ଅଧ୍ୟକ୍ଷ ଡ଼ଃ ସନ୍ତୋଷ କୁମାର ପରିଡା,ସମ୍ମାନୀତ ଅତିଥି ପୂର୍ବତନ କର୍ପୋରେଟର ବଦ୍ରି ନାରାୟଣ ନାୟକ ,ସି ଆର ସି ସି ବାଙ୍କ ହପ୍ରଧାନ, ସି ଆର ସି ସି ଭଗବାନ ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ଦାଶ, ସିଟି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ମିଶ୍ର ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଙ୍କ ଉପସ୍ଥିତି ରେ

ହବିଦ୍ୟାଳୟର ଏଫ୍ ଏଲ୍ ଏନ୍ (ରଖଘ) ଶ୍ରେଣୀ କୋଠରୀରେ ସମସ୍ତ କୁନି କୁନି ଛାତ୍ର ଛାତ୍ରୀ କଥା କୁହାଦିବସରେ କଥା କହିବାକୁ ସୁଯୋଗ ଦେବାସହ ପୁସ୍ତକ ପଠନ ପ୍ରତି ଆକୃଷ୍ଟ କରିବା ଏବଂ ସେମାନଙ୍କ ସାହିତ୍ୟ ସୃଜନ ଶୀଳତାକୁ ବିକାଶ କରିବାର ଲକ୍ଷ ରଖି ଶିଶୁ ମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜନ କରିବାର ଆବଶ୍ୟକତା ରହିଛି କ୍ଷ ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମଧୁବର୍ଣ୍ଣ ଓ ଶିଶୁ ଲେଖା ବହି ବ[ନ କରାଗଲା କ୍ଷ ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ଦାଶ ଧନ୍ୟବାଦ ପ୍ରଦାନ କଲେ ।

ରାଜ୍ୟ ସରକାରଙ୍କର କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବଙ୍କ ହକି ଷ୍ଟାଡିୟମ ପରିଦର୍ଶନ

ଝାରସୁଗୁଡ଼ା(ନି.ପ୍ର.)-ଓଡିଶା ରାଜ୍ୟ ସରକାରଙ୍କର କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ ଓ ଯାନ୍ତ୍ରୀକ ଉପଦେଷ୍ଟା ହିମାଂଶୁ କୁମାର ବେହେରା ପଚିଂମ ଓଡିଶାର ବିଭିନ୍ନ ଜିଲ୍ଲାର କ୍ରୀଡା ଭିର୍ତିଭୂମି ଓ ଷ୍ଟାଡିୟମ ପରିଦର୍ଶନ ଗସ୍ତରେ ଆସି ଥିବା ବେଳେ ଆଜି ଅପରାହ୍ନ ୧ଟାରେ ଝାରସୁଗୁଡ଼ା ହକି ଷ୍ଟାଡ଼ିୟମ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ କୁମାର ଆଚାର୍ଯ୍ୟ ଙ୍କ ସହିତ ପରିଦର୍ଶନ କରିଥିଲେ ।

ଝାରସୁଗୁଡ଼ା ହକି ଷ୍ଟାଡ଼ିୟମରେ ପହଚିଂବା ପରେ ଜିଲ୍ଲା ହକି ଆସୋସିଏସନର ସଭ୍ୟ ତଥା ହକି ଓଡିଶା ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ନୂତନ ଭାବରେ ନିର୍ମାଣ ହେଉଥିବା ଟର୍ଫ ଷ୍ଟାଡିୟମକୁ ପରିଦର୍ଶନ କରାଇଥିଲେ । ଟର୍ଫ ପଡିଆ ନିକଟରେ ନିର୍ମାଣ ହେବାକୁ ଥିବା ଅଭ୍ୟାସ ପାଇଁ ଏକ ପଡିଆର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଏଠାରେ ପାଣି ବେସ ବିଶିଷ୍ଟ ଟର୍ଫ ପଡିଆ ନିର୍ମାଣ ହେଲେ ଭବିଷ୍ୟତରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆନ୍ତଃ ବିଶ୍ୱ ବିଦ୍ୟାଳୟ ପ୍ରତିଯୋଗିତା ହୋଇପାରିବ ବୋଲି ଅତିରିକ୍ତ

ସଚିବ ମତ ଦେଇଥିଲେ । ଷ୍ଟାଡିୟମରେ ନିର୍ମାଣ ହେବାକୁ ଥିବା ଗ୍ୟାଲେରୀ ଖେଳାଳି ମାନଙ୍କର ବସିବା ସ୍ଥାନ ଓ ରହିବା ପାଇଁ ନିର୍ମାଣ ହେଉଥିବା ଗୃହ ବୁଲି ଦେଖିଥିଲେ ।

ହକି ଷ୍ଟାଟିୟମ ରେ ଥିବା ୩ଜଣ ପ୍ରଶିକ୍ଷକ ଙ୍କ ଦ୍ୱାରା ବିଭିନ୍ନ ସ୍କୁଲରେ ପ୍ରଶିକ୍ଷଣ ଦେଉଥିବା ଓ ଜିଲ୍ଲାରେ ବର୍ତମାନ ବିଭିନ୍ନ ସ୍କୁଲ , କ୍ଲବରେ ୧୧୦୦ ପିଲା ହକି ଖେଳୁ ଥିବା ଗତ ବର୍ଷ ଜିଲ୍ଲାରେ ସଫଳତା ସହିତ ୫ଏ ସାଇଡ ଆନ୍ତ ରାଜ୍ୟ ଜୁନିୟର ବାଳିକା ପ୍ରତିଯୋଗିତା ହୋଇ ଥିବା ବେଳେ ଏବର୍ଷ ମଧ୍ୟ କରାଯିବା ବିଷୟରେ ଶ୍ରୀ ମହାନ୍ତି ଅତିରିକ୍ତ ସଚିବଙ୍କୁ ଅବଗତ କରାଇଥିଲେ ।

ଓଡିଶା ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ଶ୍ରୀ ସୁରେଶ କୁମାର ପୁଜାରୀଙ୍କ ସହଯୋଗରେ ଜିଲ୍ଲା ହକି ଆସୋସିଏସନ ମାଧ୍ୟମରେ ଜିଲ୍ଲାରେ ୩୫ ଟି ସ୍କୁଲକୁ ହକି ଖେଳର ସମସ୍ତ ସରଞ୍ଜାମ ଦିଆ ଯାଇଥିବା ବିଷୟରେ ସମସ୍ତ କାଗଜ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ହକି ଷ୍ଟାଡିୟମରେ ଉପସ୍ଥିତ ପ୍ରଶିକ୍ଷକ ପ୍ରଫୁଲ କୁଲୁ,ଡ଼ିଫୋର ଟେଟେ ଓ ହ- କଟାପାଲି ସ୍କୁଲର ଛାତ୍ର ଓଡିଶା ସ୍କୁଲ ଦଳରେ ପ୍ରତିନିଧତ୍ୱ କରିଥିବା ବିବେକ ନାଏକ ଓ ସହିଦ ନାୟକ ଙ୍କ ସହିତ ଅତିରିକ୍ତ ସଚିବ ଆଲୋଚନା କରି ଧନ୍ୟବାଦ ଦେଇ ଥିଲେ ।

ଯାଜପୁର ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସମଗ୍ର ଶିକ୍ଷାର ମିଳିତ ସହଯୋଗରେ ଶିଶୁ କଥା ଦିବସ ପାଳନ

ଯାଜପୁର:(ନି.ପ୍ର.)ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଆଜି ଯାଜପୁର ଜିଲ୍ଲାରେ ୧୦ ଟି ବ୍ଲକରେ ଓ ଜିଲ୍ଲା ସ୍ତରରେ ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଶିଶୁ କଥା ଦିବସ ତଥା 'ବର୍ଣ୍ଣବୋଧ ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସମଗ୍ର ଶିକ୍ଷା ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ଦେବୀଲାଲ ମଲ୍ଲିକ, ମଣ୍ଡଳ ସାଧନ ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା, ଜିଲ୍ଲା ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି, ଜିଲ୍ଲା ପ୍ରକଳ୍ପ ଏସ.ସି/ଏସ.ଟି ସଂଯୋଜିକା ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଧଳ ଓ ଜିଲ୍ଲା ସ୍କୁଲ ଯାଜପୁରର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ ଜଣ ବାଳ ବାଟିକା ଓ ୩୦ ଜଣ ପ୍ରଥମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିଶୁ ଲେଖା ଓ ବର୍ଣ୍ଣବୋଧ ବହି ବ[ନ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଛାତ୍ର ଛାତ୍ରୀମାନଙ୍କ ଅଭିଭାବକ ମାନେ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ରହି ବର୍ଣ୍ଣବୋଧ ବହିର ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର ଓ ସଚେତନତା ସୃଷ୍ଟି କରି ଓଡ଼ିଆ ଭାଷାପ୍ରତି ଜନ ସମୂହ ମାନଙ୍କର ଆଗ୍ରହ ବୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଶପଥ ଗ୍ରହଣ କରିଥିଲେ । ବଡ଼ଚଣା ବ୍ଲକର ପି.ଏମ.ଶ୍ରୀ, ବଡ଼ଚଣା ସରକାରୀ ବିଦ୍ୟାଳୟ, ବରୀ ବ୍ଲକର ବରୀ ବରୀ ଜୁନିଅର ବେସିକ ବିଦ୍ୟାଳୟ, ବିଂଝାରପୁର ବ୍ଲକର ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ, ଦାନଗଦି ବ୍ଲକର ବୁଢ଼ାରାଜା ସରକାରୀ ବିଦ୍ୟାପୀଠ, ଦଶରଥପୁର ବ୍ଲକର ସୁପ୍ରଭା ନୋଡାଲ ଉ.ପ୍ରା. ବିଦ୍ୟାଳୟ, ଧର୍ମଶାଳା ବ୍ଲକର ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ, କୋରେଇ ବ୍ଲକର ବଡ଼ ବିରୁହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରସୁଲପୁର ବ୍ଲକର ସରକାରୀ ଉ.ପ୍ରା ବିଦ୍ୟାଳୟ, ବାରବାଟି, ଓ ସୁକିନ୍ଦା ବ୍ଲକର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସଂପୃକ୍ତ ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀମାନଙ୍କ ନେତୃତ୍ୱରେ ପାଳିତ ହୋଇଅଛି । ଏହି ସମସ୍ତ ବ୍ଲକ ମାନଙ୍କୁ ସର୍ବମୋଟ ୩୦୦ ଶିଶୁ ଲେଖା ଓ ୩୦୦ ବର୍ଣ୍ଣବୋଧ ପୁସ୍ତକ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯାଇଥିଲା ।

ଏପ୍ରିଲ ୨୧ରେ ପଦପଦରାରେ ରିଫାଇନାରୀର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ

ଜୟପୁର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ ଏପ୍ରିଲରେ ବାଲୋତରାର ପଚପଦରାରେ ରିଫାଇନାରୀର ଉଦ୍ଘାଟନ କରିବେ । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇ କହିଛନ୍ତି ଯେ, ଏହା ଗର୍ବର ବିଷୟ ଯେ ପ୍ରଧାନମନ୍ତ୍ରୀ ମୋଦି ଆଗାମୀ ୨୧ ଏପ୍ରିଲରେ ପଚପଦ୍ରା ରିଫାଇନାରୀର ଉଦ୍ଘାଟନ ପାଇଁ ରାଜସ୍ଥାନ ଆସୁଛନ୍ତି । ଶର୍ମା କହିଛନ୍ତି ଯେ, ଏହି ରିଫାଇନେରୀ ମାରଓ୍ୱାଡ଼ ସହିତ ସମଗ୍ର ରାଜସ୍ଥାନର ଆର୍ଥିକ ପରିବର୍ତ୍ତନରେ ସହାୟକ ହେବ ଏବଂ ଯୁବମାନଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବ । ଏହାକୁ 'ଭାଗ୍ୟରେଖା' ବୋଲି ବର୍ଣ୍ଣନା କରାଯାଇଛି । ରାଜସ୍ଥାନର ସମସ୍ତ ଜନତାଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ହୃଦୟପୂର୍ଣ୍ଣ ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଛି ।

ମେ' ୫ରୁ ପିଜି ପ୍ରବେଶିକା ପରୀକ୍ଷା



ଭୁବନେଶ୍ୱର: ଆସନ୍ତା ମେ' ମାସ ୫ ତାରିଖରୁ ଆରମ୍ଭ ହେବ CPET (Common PG Entrance Test) ପ୍ରବେଶିକା ପରୀକ୍ଷା । ୫ ମେ' ୨୦୨୬ ରିଖ ଠାରୁ ୧୬ ମେ' ୨୦୨୬ ରିଖ ପର୍ଯ୍ୟନ୍ତ CPET ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି) ପକ୍ଷରୁ CPET ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ ହୋଇଛି । ସମୁଦାୟ ୫୦ଟି ସ୍ନାତକୋତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ୨ଟି ସିଫ୍ଟରେ ପରୀକ୍ଷା ହେବ । ପ୍ରଥମ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୧୦.୦୦ ଘଟିକାରୁ ୧୧.୪୦ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଦେବେ । ସେହିପରି ଦ୍ୱିତୀୟ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ଅପରାହ୍ନ ୩.୦୦ ଘଟିକାରୁ ୪.୪୦ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଦେବେ । ପ୍ରଥମ ଦିନରେ (ମେ' ୫ ତାରିଖ ଦିନ) ବାଣିଜ୍ୟ, ବାୟୋଟେକ୍ନୋଲୋଜି, ସୋସିଓଲୋଜି, ପରିବେଶ ବିଜ୍ଞାନ, ଏଜୁକେସନ, ଆନଥ୍ରୋପୋଲୋଜି (କଳା) ଆଦି ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ । ଏପ୍ରିଲ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ ଏସଏସବି ଓ୍ୱେବ୍ସାଇଟ (https://ssbodisha.ac.in/)କୁ ଯାଇ ପ୍ରବେଶିକା ପରୀକ୍ଷା ପାଇଁ ନିଜର ଆଡ଼ମିଟ କାର୍ଡ଼ ଡ଼ାଉନଲୋଡ଼ କରିପାରିବେ ।

କଟକର ରାମଦାସପୁରରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ, ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜି କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ, ଆଜି ଏହି ପେଜ୍-ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୋଟିଏ ୟୁନିଟ୍‌ର ଭୂଇଁପୁର ଠାରେ ଶିଳାନ୍ୟାସ କରାଯାଇଛି । ୨୫୮ କୋଟି ଟଙ୍କା ବିନିଯୋଗରେ ଏହାର ଭୂଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଆଜି ଭୂଇଁପୁର ଠାରେ ମଧ୍ୟ MAS India Clothing Pvt Ltd ର ଟେକ୍ସଟାଇଲ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି । ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ । ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ । ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ

ସରକାର ଓଡ଼ିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି । ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି । ଗତବର୍ଷ ଜୁଲାଇ ମାସରେ ଓଡ଼ିଶାରେ ଟେକ୍ସଟାଇଲ ସମିତ୍ ହୋଇଥିଲା । ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା । ଏହିସବୁ ପ୍ରସ୍ତାବ ଗୁଡ଼ିକ ଏବେ ଦୃତ ଗତିରେ କାର୍ଯ୍ୟକାରୀ ହେଉଛି । ସେ କହିଥିଲେ ଯେ, ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ୍ୟ ଏହାର ପ୍ରଭାବ ପଡିଥାଏ । ଏହା ଏକ ସୁଦୃଢ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ ଗଠନ କରେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡ଼ିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଆଜି ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪୧ ହଜାର କୋଟି ଟଙ୍କାର ଅନେକ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିବା ବେଳେ, ଏହି ନୂଆ ଆପାରେଲ୍ ୟୁନିଟ୍ ରାଜ୍ୟରେ ଟେକ୍ସଟାଇଲ୍ ଓ ପୋଷାକ ଶିଳ୍ପକୁ ଆହୁରି ଗତିଶୀଳ କରିବ । ସେ ଆହୁରି କହିଥିଲେ ଯେ, ଆଜି ଦିନରେ ପ୍ରାୟ ୬୦ ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ଯାହା ଓଡ଼ିଶାର ଯୁବଶକ୍ତି ପାଇଁ ଏକ ନୂଆ ଆଶା ଜଗାଇଛି । ସେ କହିଥିଲେ ଯେ, ଓଡ଼ିଶାକୁ ପୂର୍ବ ଭାରତର "ସୁରାଟ" କିମ୍ବା "ତିରୁପୁର" ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଟେକ୍ସଟାଇଲ୍ ଓ ଆପାରେଲ୍ କ୍ଷେତ୍ରରେ ଦକ୍ଷ ଓଡ଼ିଆ କାରିଗରମାନଙ୍କ ସମ୍ଭାବନାକୁ ରାଜ୍ୟରେ ହିଁ ଉପଯୋଗ କରିବା ପାଇଁ ନୀତିଗତ ସୁଧାର ଓ ଶିଳ୍ପ-ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି । ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଆପାରେଲ୍ ପାର୍କଗୁଡିକରେ 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ୍ ଜମି, ବିଜୁଳି, ପାଣି ଓ ଯାତାୟାତ ସହିତ ସମସ୍ତ ମୌଳିକ ଢାଂଚା ଉପଲବ୍ଧ କରାଯାଉଛି । ଏହାଦ୍ୱାରା ନିବେଶକମାନଙ୍କ ପାଇଁ ଓଡ଼ିଶା ଏକ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିଛି । ଟେକ୍ସଟାଇଲ୍ କ୍ଷେତ୍ରରେ ପ୍ରାୟ ୭,୨୧୨ କୋଟି ଟଙ୍କାର ବିନିଯୋଗ ଓ ୪୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି । ମୁଖ୍ୟମନ୍ତ୍ରୀ ଏହି ଅବସରରେ ସାଲେପୁରର ଝିଅ ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଝିଅ ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଷ୍ଟ୍ରରଙ୍ଘସକ୍ଷର ଇଣ୍ଡଷ୍ଟ୍ରି ରେ କାର୍ଯ୍ୟକରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ଅଭିଜ୍ଞତା ଓ ଦକ୍ଷ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ପାଇଥିଲେ । ଶିଳ୍ପ ଓ ନିଯୁକ୍ତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ସରକାରଙ୍କ ଫୋକସ୍ ହେଉଛି କିପରି ଇଣ୍ଡଷ୍ଟ୍ରି ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ । ଏହି ସବୁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ଗଝଗର ମଧ୍ୟ ଗଢ଼ି ଉଠିବ, ଯାହାଦ୍ୱାରା ଅନେକ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପାଇବେ । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ, ଷ୍ଟରଙ୍ଘସକ୍ଷର ଇଣ୍ଡଷ୍ଟ୍ରି ଓଡ଼ିଶାର ଶିଳ୍ପ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି ।

ସମୟ ଲାଗୁ ପଛେ ମହାପ୍ରଭୁଙ୍କ ଗଣତିମଣତି କାମ ଭଲରେ ହେଉ : ଗଜପତି

ପୁରୀ: ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଗଣତିମଣତିର ଦ୍ୱିତୀୟ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି । ଆଜି ସକାଳୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ



ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ପୁନଃଆରମ୍ଭ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନର ଗଣତିମଣତି ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ଠିକ୍ ?ଠାକ ଚାଲିଛି । ଗଜପତି ମହାରାଜ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଶୁଭ ଦିବସରେ ଆଜି ରତ୍ନଭଣ୍ଡାରର ବାହାର ଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି । ଆଜି ମହାପ୍ରଭୁଙ୍କ ଦର୍ଶନ ସରିଲା ପରେ ବାହାର ରତ୍ନଭଣ୍ଡାର ଅନୁଧ୍ୟାନ କରିଥିଲୁ । ସରକାରଙ୍କ ଦ୍ୱାରା ଗଠିତ କମିଟି, ଅଧିକାରୀ ଏବଂ ସେବାୟତ ଏଥିରେ ଉପସ୍ଥିତ ଥିଲେ । ଏସ୍‌ଓପି ଅନୁସାରେ ଗଣତିମଣତି ଆରମ୍ଭ ହୋଇଛି । ପ୍ରତ୍ୟେକ ମୂଲ୍ୟବାନ ଜିନିଷ ୩ଡି ମ୍ୟାପିଂ କରାଯାଉଛି । ଏହା ଦ୍ୱାରା ପୂର୍ଣ୍ଣ ଛବି ମିଳିପାରିବ । ମହାପ୍ରଭୁଙ୍କର ଅଳଙ୍କାର ଭ୍ୟାଲୁଏସ ପାଇଁ ଯୋଜନା ନାହିଁ । ମହାପ୍ରଭୁଙ୍କ ଗହଣାର ବିସ୍ତୃତ ବିବରଣୀ ରଖାଯାଉଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ଅସୁବିଧା ହେବ ନାହିଁ । ବାହାର ରତ୍ନଭଣ୍ଡାର ଗଣତିମଣତି ପରେ ଭିତର ରତ୍ନଭଣ୍ଡାରର ଗଣତିମଣତି ହେବ । ଆଜି ମହାପ୍ରଭୁଙ୍କ ଦର୍ଶନରେ କୌଣସି ଅସୁବିଧା ନାହିଁ । ମହାପ୍ରଭୁଙ୍କ କୃପାରୁ ସବୁକିଛି ଠିକ୍‌ଠାକ ଚାଲିଛି । ଗଣତିମଣତିର ସମୟ ସୀମା ନାହିଁ । ଶ୍ରଦ୍ଧାଳୁମାନେ ଭଲଭାବରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ଏହି କାମ ସଂପାଦିତ ହେବ । ପର୍ବଦିନଗୁଡ଼ିକରେ ଗଣତିମଣତି ହୋଇପାରିବ ନାହିଁ । ଯେଉଁଦିନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିବ, ସେଦିନ ଗଣତିମଣତି ସ୍ଥଗିତ ରଖାଯିବ । ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ । ସୂଚନାଯୋଗ୍ୟ, ଗତ ୨୫ ତାରିଖ ଦିନ ରତ୍ନଭଣ୍ଡାର ଗଣତି ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ରତ୍ନ ସବୁ ଗଣାଯାଇ ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଥିଲା ।

ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା କସ୍ମିକ ସିମ୍ଫୋନୀ ପୁସ୍ତକର ଲୋକାର୍ପଣ

ନୂଆଦିଲ୍ଲୀ : ଲଣ୍ଡନରେ ଅବସ୍ଥାପିତ ହାର୍ଭାର୍ଡ ଓ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ ମ୍ୟାନେଜମେଂଟ ବିଶେଷଜ୍ଞ ଡ଼ଃ. ସ୍ମୃତି ରଞ୍ଜନ ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'କସ୍ମିକ ସିମ୍ଫୋନୀ'ର ଲୋକାର୍ପଣ ଉତ୍ସବ ଏଠାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା ହାଉଜ ଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିବା ଦେଖାଯାଇଥିଲା । ଏହି ଅବସରରେ ଆମନ୍ତ୍ରିତ ଅତିଥିମାନେ ଡ଼ଃ. ସ୍ମୃତି ରଞ୍ଜନ ନାୟକଙ୍କୁ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ରତ୍ନଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ । ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ୟୁକେ ଅଧ୍ୟାୟର ଶାନ୍ତିଲତା ନାୟକ ଏବଂ ବୀରବର ନାୟକଙ୍କର ସୁପୁତ୍ର ଅଟନ୍ତି । ଉତ୍ସବରେ ଅନାବରଣ କରିବା ପାଇଁ ଏହି ପୁସ୍ତକ ନିଶ୍ଚିତ ଭାବରେ ଅନୁପ୍ରାଣିତ

ସାଧାରଣ ସମ୍ପାଦକ ତଥା ଅଗ୍ରଣୀ ଲେଖକ ଡ଼ଃ. ସ୍ମୃତି ରଞ୍ଜନ ନାୟକ ଏହା ପୂର୍ବରୁ 'ବ୍ୟାଟଲଫିଲଡ ଟୁ ବୋର୍ଡ ରୁମ' ଏବଂ 'ସିଆରଏମ:କ୍ରିଏଟିଭ ରେଭିନ୍ୟୁ ମେକାନିଜମ' ଆଦି ବହୁ ଆଦୃତ ପୁସ୍ତକମାନ ରଚନା କରିଛନ୍ତି । ଡ଼ଃ. ନାୟକ କଟକ ଜିଲ୍ଲା ଅନ୍ତର୍ଗତ ଫତେପୁର ଖଣ୍ଡସାହି ନିବାସୀ ସ୍ୱାଗତ ଭାଷଣ ପ୍ରଦାନ କରି ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ପିଲାମାନଙ୍କର ସାମଗ୍ରିକ ଓ ସନ୍ତୁଳିତ ବିକାଶ ଉଦ୍ଦେଶ୍ୟରେ ସମର୍ପିତ ଲେଖକ ଡ଼ଃ. ନାୟକଙ୍କର ଏହି ପୁସ୍ତକକୁ ଭୂୟସୀ ପ୍ରଶଂଶା କରିଥିଲେ । ସାରା ବିଶ୍ୱର ପିଲାମାନେ ମୋବାଇଲ ଦୁନିଆ ଛାଡ଼ି ନିଜ ମଧ୍ୟରେ ଥିବା ଦୁନିଆକୁ କରିବ ବୋଲି ଶ୍ରୀ ଦ୍ୱିବେଦୀ ଦମ୍ଭ ପ୍ରକାଶ କରିଥିଲେ । ସଭାକୁ ସମ୍ବୋଧନ କରି ଲେଖକ ଡ଼ଃ. ସ୍ମୃତି ରଞ୍ଜନ ନାୟକ "କସ୍ମିକ ସିମ୍ଫୋନୀ" କେବଳ ଏକ ପୁସ୍ତକ ନୁହେଁ, ଏହା ଜୀବନ ମଧ୍ୟରେ ଓ ଏହାର ଚତୁର୍ପାର୍ଶ୍ୱରେ ଥିବା ରହସ୍ୟ ମଧ୍ୟକୁ ଯାତ୍ରା କରିବାର ଏକ ମାଧ୍ୟମ ବୋଲି ସୂଚାଇ ଥିଲେ ।

ଦିଲ୍ଲୀ ଆଗରେ ୨୧୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଗୁଜୁରାଟ

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୬ର ଚତୁର୍ଦ୍ଦଶ ମ୍ୟାଚ୍ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳାଯାଉଛି । ଏହି ମ୍ୟାଚ୍ ନୂଆଦିଲ୍ଲୀସ୍ଥିତ ଅରୁଣ ଜେଟଲୀ ଷ୍ଟାଡିୟମରେ ଆୟୋଜନ ହୋଇଛି । ଏଠାରେ ଟସ୍ ଜିଣି ଦିଲ୍ଲୀ ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ଗୁଜରାଟ ଟିମ୍ ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ଓ୍ୱିକେଟ୍ ହରାଇ ୨୧୦ ରନ୍ କରିଛି । ଫଳରେ ଆୟୋଜକ ଦିଲ୍ଲୀକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୧୧ ରନ୍ ଦରକାର ଅଛି । ଗୁଜରାଟର ଦ୍ୱିଶତକୀୟ ସ୍କୋରରେ ବଡ଼ ଭୂମିକା ତୁଲାଇଥିଲେ ଅଧିନାୟକ ଶୁବମନ ଗିଲ । ସେ ୪୫ଟି ବଲ୍ ଖେଳି ଦଳ

ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ ୪ଟି ଚେ ?କା ଏବଂ ୫ଟି ଛକା ବଳରେ ୭୦ ରନ୍ କରିଥିଲେ । ଓ୍ୱିକେଟକିପର ବ୍ୟାଟର ଜୋସ୍ ବଟଲର ୨୭ଟି ବଲ୍‌ର ସାମ୍ନା କରିଥିଲେ । ଏଥିରୁ ସେ ୩ଟି ଚୌକା ଏବଂ ୫ଟି ଛକା ସହିତ ୫୨ ରନ୍ ସଂଗ୍ରହ କରିଥିଲେ । ଯୁବ ବ୍ୟାଟର ଓ୍ୱାସିଂଟନ ସୁନ୍ଦର ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୩୨ଟି ବଲ୍ ଖେଳି ୬ଟି ଚେ ?କା ଏବଂ ୨ଟି ଛକା ବଳରେ ୫୫ ରନ୍ ସଂଗ୍ରହ କରିଥିଲେ । ପ୍ରାରମ୍ଭିକ ବ୍ୟାଟର ସାଇ ସୁଦର୍ଶନଙ୍କ ବ୍ୟାଟ୍‌ରୁ ୨ଟି ଚୌକା ସହିତ ୧୨ ରନ୍ ସଂଗ୍ରହ ହୋଇଥିଲା । ଗ୍ଲେନ୍ ଫିଲିପ୍‌ସ ଅପରାଜିତ ୧୪ ରନ୍ ସଂଗ୍ରହ କରିଥିଲେ । ସେ ୯ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ରାହୁଲ ତେଓ୍ୱାଟିଆ ଗୋଟିଏ ବଲ୍ ଖେଳି ଏକ ରନ୍ କରିଥିଲେ । ଦିଲ୍ଲୀ ପକ୍ଷରୁ ମୁକେଶ କୁମାରଙ୍କୁ ସର୍ବାଧିକ ୨ଟି ଓ୍ୱିକେଟ୍ ମିଳିଥିଲା । ଲୁଙ୍ଗି ଏନ୍‌ଗିଡି ଏବଂ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ଗୁଜରାଟର ପ୍ରାରମ୍ଭିକ ପ୍ରଦର୍ଶନ ଭଲ ନଥିଲା । କିନ୍ତୁ ଦଳର ଖେଳାଳିମାନେ ଦ୍ୱିତୀୟ ଏବଂ ତୃତୀୟ ଓ୍ୱିକେଟ୍‌ରେ ଭଲ ପ୍ରଦର୍ଶନ କରିଥିଲେ ।

10001/24/2627

ଅଂଶୁଘାତ ସତର୍କତା

ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-No.:10001/10003/2/26-27/0002

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**